### ନିଶା ପରିତ୍ୟାଗ ପାଇଁ ଅସହଯୋଗ

## ଶୁଦ୍ଧିକ୍ରିୟା କାର୍ଯ୍ୟରେ ସହଯୋଗ ପାଇଁ ପ୍ରଶାସନକୁ ଗୁହାରି



**ବାରିପଦା, ୧୨।୫(ସମିସ):** ଆଦିବାସୀ ପରମ୍ପରା ପରିବର୍ତ୍ତେ ନିଶା ସେବନ ବିନା ମା'ଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟରେ ଗ୍ରାମବାସୀ ଅସହଯୋଗ କରୁଥିବାରୁ ମୃତକଙ୍କ ପୁଅ ବାରିପଦା ଉପଜିଲ୍ଲାପାଳ ନିକଟରେ ଗୁହାରି କରିଛନ୍ତି। ପ୍ରଶାସନ ପକ୍ଷରୁ ସହଯୋଗ କରାଗଲେ ସେ ଶୁଦ୍ଧିକ୍ରିୟା କାର୍ଯ୍ୟ ସମ୍ପନ୍ନ କରିପାରିବେ ବୋଲି କହିଛନ୍ତି। ପୁତ୍ର ଜଣଙ୍କ ହେଲେ ଚାନ୍ଦୁଆ ଥାନା ଅଧୀନ କାଦପାଟିଆ ଗ୍ରାମର ରମେଶ ହେମ୍ବ୍ରମ (୫୫)। ଗତ ୭ ତାରିଖରେ ତାଙ୍କ ବିଧବା ମା' ଲଛମି ହେମ୍ବ୍ରମଙ୍କ ଦେହାନ୍ତ ହୋଇଥିଲା। ତେବେ ଆଦିବାସୀ ପରମ୍ପରା ନାମର ହାଣ୍ଡିଆ ଓ ମଦ ଭଳି ନିଶାଦ୍ରବ୍ୟକୁ ତ୍ୟାଗ କରି ଗ୍ରାମବାସୀ ଓ ବନ୍ଧୁବାନ୍ଧବଙ୍କ ସହଯୋଗରେ ଶବ ସତ୍କାର କାର୍ଯ୍ୟ ସହିତ ସମସ୍ତ ସାମାଜିକ କାର୍ଯ୍ୟ କରାଯାଇଥିଲା। ବର୍ତ୍ତମାନ ଶୁଦ୍ଧିକ୍ରିୟା କାର୍ଯ୍ୟରେ ହାଣ୍ଡିଆ, ମଦ ପରି ନିଶାଦ୍ରବ୍ୟକୁ ବ୍ୟବହାର ନ କଲେ ଆମ ଗ୍ରାମର ମାଝୀବାବା (ଗ୍ରାମମୁଖ୍ୟ) ସୁକୁଲ ମୁର୍ମୁଙ୍କ ନେତୃତ୍ୱରେ ଗ୍ରାମବାସୀ ମୋର ଶୁଦ୍ଧିକ୍ରିୟା କାର୍ଯ୍ୟରେ ସହଯୋଗ କରିବେ ନାହିଁ। ତତସହିତ ଶୁଦ୍ଧିକ୍ରିୟା କାର୍ଯ୍ୟ କରିବାକୁ ଦେବେ ନାହିଁ ବୋଲି ଧମକ ଦେଇଛନ୍ତି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ନିଶାଦ୍ରବ୍ୟକୁ ବ୍ୟବହାର କରିବା ପାଇଁ ତାଙ୍କୁ ଜବରଦସ୍ତ ବାଧ୍ୟ କରୁଛନ୍ତି। ଯାହାକି ତାଙ୍କର ମୌଳିକ ଅଧିକାର ଉପରେ ସିଧାସଳଖ ଆକ୍ରମଣ। ତେବେ ହାଣ୍ଡିଆ ଓ ମଦ ପରି ନିଶାଦ୍ରବ୍ୟକୁ ବ୍ୟବହାର ନ କରି ଆସନ୍ତା ୧୭ ତାରିଖ ରବିବାର ଦିନ ସେ ତାଙ୍କର ସହଯୋଗୀ ଓ ବନ୍ଧୁବାନ୍ଧବଙ୍କୁ ନେଇ ମାଆଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିବାରୁ କାର୍ଯ୍ୟରେ ପୁଲିସ ପ୍ରଶାସନ ପକ୍ଷରୁ ସହଯୋଗ ଲୋଡିଛନ୍ତି। ଏପରି ସହଯୋଗ ମିଳିଲେ ସେ ନିଶାମୁକ୍ତ ଭାବରେ କମ୍ ଖର୍ଚ୍ଚ, କମ୍ ସମୟରେ ଶୁଦ୍ଧିକ୍ରିୟା କାର୍ଯ୍ୟ ସମାପ୍ତ କରି ପରିବାର ସହ ଶୁଦ୍ଧି ହୋଇପାରିବେ ବୋଲି କହିଛନ୍ତି।

### ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

## ୨୫ରୁ ରବି ଧାନ ସଂଗ୍ରହ ଆରମ୍ଭ

ବାରିପଦା, ୧୨।୫(ସମିସ)



ମୟୂରଭଞ୍ଜ ଜିଲ୍ଲାରେ ଚଳିତ ୨୦୨୫-୨୬ ଖରିଫ ବର୍ଷ ପାଇଁ ଚାଷୀଙ୍କଠାରୁ ରବିଋତୁ ଧାନ କ୍ରୟ ଆରମ୍ଭ ହେବ। ଏ ନେଇ ମଙ୍ଗଳବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ପ୍ରତିନିଧି ତଥା ପୂର୍ବତନ ବୈଶିଙ୍ଗା ବିଧାୟକ କାନ୍ଦରା ସୋରେନ, କରଞ୍ଜିଆ ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡ଼ା ଓ ଉଦଳା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଯୋଗଦେଇ ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ଧାନକିଣା ସୁରୁଖୁରୁରେ ସମ୍ପନ୍ନ ପାଇଁ ଆଲୋଚନା କରିଥିଲେ। ଆସନ୍ତା ୨୫ ତାରିଖରୁ ଜିଲ୍ଲାର ୨୮ଟି ଲ୍ୟାମ୍ପସର ୨୯ଟି କେନ୍ଦ୍ରରେ ଧାନକିଣା ଆରମ୍ଭ ହେବ ନିଷ୍ପତ୍ତି ନିଆଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ରବିଧାନ ବିକ୍ରି ପାଇଁ ଚଳିତ ଥର ରେକର୍ଡ ସଂଖ୍ୟକ ମୋଟ ୫୧୯୪ଜଣ ଚାଷୀ ପଞ୍ଜୀକୃତ କରିଥିବା ଜଣାପଡ଼ିଛି। ରାସଗୋବିନ୍ଦପୁର ଲ୍ୟାମ୍ପସରେ ସର୍ବାଧିକ ୮୩୨ଜଣ ଚାଷୀ ଥିବା ବେଳେ ଗୋପବନ୍ଧୁନଗରର ପଶୁଦା ଲ୍ୟାମ୍ପସରେ ସର୍ବନିମ୍ନ ୮ଜଣ ଚାଷୀ ଧାନ ବିକ୍ରି କରିବେ। ତେବେ ଯୋଗ୍ୟ ଚାଷୀଙ୍କ ଠାରୁ ରବି ଧାନ ସଂଗ୍ରହ/କ୍ରୟ ନିମନ୍ତେ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶାବଳୀ ଅନୁସାରେ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଜିଲ୍ଲା ଯୋଗାଣ/ଆରଏମସି ଏବଂ ଡିଆରସିଏସ ବିଭାଗ ମିଳିତ ତତ୍ତ୍ୱାବଧାନ ଚାଷୀ ମାନଙ୍କ ସୁବିଧା କରାଯାଇଛି। ଖରିଫ ଋତୁ ଭଳି ରବି ଋତୁରେ ମଧ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଧାନର ସହାୟକ ମୂଲ୍ୟ ଯଥାକ୍ରମେ ଏଫଏକ୍ୟୁ ଓ ସାଧାରଣ ମାନ ଧାନର ମୂଲ୍ୟ କ୍ୟୁଣ୍ଟାଲ ପ୍ରତି ୨୩୦୦ଟଙ୍କା ସହିତ ୮୦୦ଟଙ୍କା ଇନପୁଟ ସହାୟତା ରାଶି ଓ ଏଫଏକ୍ୟୁ ଗ୍ରେଡ଼ ଏ' ମାନ ଧାନର ମୂଲ୍ୟ ୨୩୨୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଧାନ ବିକ୍ରୟ ପାଇଁ ଚାଷୀମାନେ ପୂର୍ବ ନିୟମାବଳୀ ପାଳନ କରିବେ। ବିକ୍ରୟ ଧାନର ସହାୟକ ମୂଲ୍ୟ ଚାଷୀଙ୍କ ପଞ୍ଜୀକୃତ ବ୍ୟାଙ୍କ ପାସ ବହିରେ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଅନଲାଇନ ଜରିଆରେ ପ୍ରଦାନ କରାଯିବ। ଚାଷୀଙ୍କ ଆପତ୍ତି ଅଭିଯୋଗ ଉପରେ ଦୃଷ୍ଟିପାତ କରି ତ୍ୱରିତ ସମାଧାନ କରି ଧାନ ସଂଗ୍ରହ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଅତିରିକ୍ତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ

**୫୧୯୪ ଜଣ ଚାଷୀଙ୍କ ପାଇଁ ୨୯ଟି କେନ୍ଦ୍ରରେ ବ୍ୟବସ୍ଥା**

ସେମାନଙ୍କ ପ୍ରତି କୋହଳ ମନୋଭାବ ପ୍ରଦର୍ଶନ ପୂର୍ବକ କଟନୀ ଛଟନୀ ନ କରିବାକୁ ମିଲରଙ୍କୁ ବିଧାୟକ ଶ୍ରୀ ନାଏକ ପରାମର୍ଶ ଦେଇଛନ୍ତି। ସଂଗ୍ରହ ହୋଇଥିବା ଧାନକୁ ୨୪ ଘଣ୍ଟା ମଧ୍ୟରେ ମିଲ ଉଠାଇ ନେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସ୍ୱାଗତ ସୂଚନା ପ୍ରଦାନ କରିଥିବା ବେଳେ ଡିଆରସିଏସ ବିବରଣୀ ଉପସ୍ଥାପନ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସହିତ ବିଭାଗୀୟ ଅଧିକାରୀ, ଯୋଗାଣ ଓ ସମବାୟ ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ।

## ସରିଲା ଦଣ୍ଡବତୀ, ୧୫ରେ ଉଡ଼ା ପର୍ବ



**ମୋରଡ଼ା, ୧୨।୫(ସମିସ):** ମୋରଡ଼ା ବ୍ଲକ ଚିତ୍ରଡାର ପ୍ରସିଦ୍ଧ ବୈଶାଖୀ ଉଡ଼ା ପର୍ବ ଆସନ୍ତା ୧୫ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଆଜି ଭକ୍ତାଙ୍କ ଦଣ୍ଡବତୀ ଅନୁଷ୍ଠିତ ହୋଇଯାଇଛି। ଭକ୍ତାମାନେ ପ୍ରଥମେ ମାର୍କେଟ ସାହିର ଭକ୍ତାଘାଟ ନିକଟରେ ପୂଜାର୍ଚ୍ଚନା କରି ବେତ ଘେରରେ ଭକ୍ତାମାନେ ମନ୍ଦିର ନିକଟକୁ ଆସିଥିଲେ। ସେଠାରେ ଆରମ୍ଭ ହୋଇଥିଲା ଦଣ୍ଡବତୀ। ଆସନ୍ତାକାଲି କଣ୍ଟାପାଟ, ୧୪ ତାରିଖ ଦିନ ନିଆଁପାଟ ଅନୁଷ୍ଠିତ ହେବାକୁ ଥିବାବେଳେ ୧୫ ତାରିଖ ଦିନ ଉଡ଼ା ପର୍ବ ହେବ। ଚିତ୍ରଡାର ବାବା ଚିତ୍ରେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ବୈଶାଖୀ ଉଡ଼ା ପର୍ବରେ ଭକ୍ତମାନେ ମାନସିକ ରଖି ନିଷ୍ଠାର ସହିତ ବ୍ରତ ପାଳନ କରିବା ସହିତ ମହାଦେବଙ୍କୁ ସନ୍ତୁଷ୍ଟ କରିବା ପାଇଁ କଠିନ ପରୀକ୍ଷା ଦେଇଥା'ନ୍ତି। ଚଳିତ ବର୍ଷ ଦେଶଭକ୍ତା ୧୩ ଜଣ ରହିଥିବାବେଳେ ମାନସିକ ଭକ୍ତା ୧୨ ଜଣ ଅଛନ୍ତି ବୋଲି ଜଣାପଡ଼ିଛି।

### ଖଡ଼ିଶୋଳରେ ବସୁଧା ଯୋଜନା ପାଣିଟାଙ୍କି ଅଚଳ

## ପଞ୍ଚାୟତ ଅଫିସ୍ ଘେରିଲେ ଶତାଧିକ ଗ୍ରାମବାସୀ



**ବେତନଟୀ, ୧୨।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ବ୍ଲକ ଅନ୍ତର୍ଗତ ଖଡିଶୋଳ ପଞ୍ଚାୟତର ଖଡିଶୋଳ ଗ୍ରାମରେ ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ପାଣିଟାଙ୍କି ପ୍ରାୟ ୨୦ ଦିନ ଧରି ଅଚଳ ହୋଇପଡ଼ିଥିବାରୁ ୪ଟି ୱାର୍ଡର ଶତାଧିକ ଗ୍ରାମବାସୀ ଗରା ଓ ବାଲ୍‌ଟି ଧରି ପଞ୍ଚାୟତ ଅଫିସ ଆଗରେ ଧାରଣା ଦେଇଛନ୍ତି।

ସୂଚନା ମୁତାବକ, ଖଡ଼ିଶୋଳ ପଞ୍ଚାୟତର ୫, ୬, ୭ ଓ ୮ ନମ୍ବର ୱାର୍ଡ ଅନ୍ତର୍ଗତ କଲୋନୀ ସାହି, ତଳସାହି, ଉପରସାହି, ପ୍ରଧାନସାହି, ଭୋସଲସାହି, କଇଁଛିଶୋଳ, ବାସୀସାହି, ବେହେରାସାହି ଆଦି ଅଞ୍ଚଳର ପାଖାପାଖି ଏକ ହଜାରରୁ ଅଧିକ ଲୋକ ଏହି ପାଣିଟାଙ୍କି ଉପରେ ନିର୍ଭର କରନ୍ତି। ଏହି ଟାଙ୍କିର ଜଳଧାରଣ କ୍ଷମତା ଏକ ଲକ୍ଷ ଲିଟର ହୋଇଥିବା ଜଣାପଡ଼ିଛି। ତେବେ ପାଣି ପମ୍ପରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ପ୍ରାୟ ୨୦ ଦିନ ହେଲା ଦୈନିକ ଦୁଇଥର ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇରହିଛି। ଗ୍ରାମବାସୀ ବାରମ୍ବାର ପଞ୍ଚାୟତ କର୍ତ୍ତୃପକ୍ଷ ଓ ବ୍ଲକ ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନ ନେବାରୁ ଆଜି ସେମାନେ ବାଧ୍ୟ ହୋଇ ପଞ୍ଚାୟତ ଅଫିସ ଘେରଉ କରି ନାରାବାଜି କରିଥିଲେ। ଶେଷରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀ ଇଞ୍ଜିନିୟର ସୁରେନ୍ଦ୍ର ନାଥ କିସ୍କୁ ଧାରଣାରତ ଗ୍ରାମବାସୀଙ୍କ ନିକଟରେ ପହଞ୍ଚି ୨୪ ଘଣ୍ଟା ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଗ୍ରାମବାସୀମାନେ ଯନ୍ତ୍ରୀଙ୍କ ପ୍ରତିଶ୍ରୁତି ଅନୁଯାୟୀ ଶୀଘ୍ର ପାଣି ଯୋଗାଣ ସ୍ୱାଭାବିକ ହେବ ବୋଲି ଆଶା ପ୍ରକାଶ କରିଛନ୍ତି।

## ହୋ' ସଙ୍ଗୀତର ସୃଜନଶୀଳ ଲେଖକ ମୋତିଲାଲ ହାଇବ୍ରୁ

**ଶରତ, ୧୨।୫(ସମିସ):** ହୋ' ଏକ ଅନନ୍ୟ ଭାଷା। ଯେଉଁ ଭାଷାର ରହିଛି ସ୍ୱତନ୍ତ୍ର ଲିପି। ଯାହାକୁ ୱାରାଙ୍ଗଚିତି ବୋଲି କୁହାଯାଉଛି। ଏହି ୱାରାଙ୍ଗଚିତି ଲିପି ୩୨ଟି ଅକ୍ଷରକୁ ନେଇ ଗଠିତ ହୋଇଛି। ଯାହାର ମଧ୍ୟ ରହିଛି ସ୍ୱତନ୍ତ୍ର ବ୍ୟାକରଣ। ହୋ' ଏକ କଥିତ ଭାଷା ହୋଇଥିବାବେଳେ ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ଆସାମ, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ପ୍ରଭୃତି ରାଜ୍ୟରେ ହୋ ଭାଷାଭାଷୀ ଲୋକେ ବସବାସ କରୁଛନ୍ତି। ଆମ ରାଜ୍ୟ ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଅନୁଗୋଳ, ଦେବଗଡ଼ ଓ ବରଗଡ଼ ଜିଲ୍ଲାରେ ଏହି ଭାଷାଭାଷୀ ଲୋକେ ରହୁଛନ୍ତି। ବର୍ତ୍ତମାନ ସମୟରେ ହୋ ଭାଷାକୁ ଓଡ଼ିଶାରେ ଦ୍ୱିତୀୟ ରାଜଭାଷାର ମାନ୍ୟତା ପ୍ରଦାନ କରାଯିବା ନିମନ୍ତେ ସେମାନେ ଦାବି କରୁଥିବାବେଳେ ଭାରତ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରାଯିବା ସକାଶେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ କରାଯାଉଥିବା ଦେଖିବାକୁ ମିଳୁଛି। ସାମ୍ପ୍ରତିକ ସ୍ଥିତିରେ ହୋ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ନିମନ୍ତେ ଅନେକ ଲେଖକ ଏବଂ ଚଳଚ୍ଚିତ୍ର ପ୍ରଯୋଜକ ମାନେ ଆଗେଇ ଆସୁଥିବା ଦେଖିବାକୁ ମିଳିଛି। ସେମାନଙ୍କ ମଧ୍ୟରୁ ସଙ୍ଗୀତ ଲେଖକ ମୋତିଲାଲ ହାଇବୁରୁ(୩୯) ଏକ ଅନନ୍ୟ ଏବଂ ସୃଜନଶୀଳ ଲେଖକର ପରିଚୟ ପାଇ ପାରିଛନ୍ତି। ପେଶାରେ ସେ ଜଣେ ରାଜମିସ୍ତ୍ରି ହୋଇଥିବା ବେଳେ ନିଶା ତାଙ୍କର ହୋ ସଙ୍ଗୀତର ଲେଖନୀ, ହୋ ଗଳ୍ପ ଏବଂ ଉପନ୍ୟାସ। ତାଙ୍କର ଶିକ୍ଷାଗତ ଯୋଗ୍ୟତା ଉଦଳା କଲେଜରୁ +୨ ବିଜ୍ଞାନରେ ପାସ, +୨ ପାସ ପରେ ଅର୍ଥ ଅଭାବ ଯୋଗୁଁ ତାଙ୍କ ପାଠ ପଢ଼ାରେ ଡୋରି ଲାଗି ଥିଲା। ସେ ଅନେକ ହୋ ସଙ୍ଗୀତ ସଂରଚନା କରି ଏବେ ଚର୍ଚ୍ଚାରେ ରହିଛନ୍ତି। ତାଙ୍କ ଘର



ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଗ୍ରାମ ପଞ୍ଚାୟତର କେଶପଡ଼ା ଗ୍ରାମରେ ରହିଛି। ମୋତିଲାଲ ହାଇବ୍ରୁ ୧୦୦ରୁ ଉର୍ଦ୍ଧ୍ୱ ହୋ ସଙ୍ଗୀତ ଲେଖି ଚର୍ଚ୍ଚାକୁ ଆସି ପାରିଛନ୍ତି। ସେ ଲେଖିଥିବା ଅନେକ ଆଧୁନିକ ହୋ ସଙ୍ଗୀତ ବିଭିନ୍ନ ୟୁଟ୍ୟୁବରେ ମୁକ୍ତିଲାଭ କରି ସାରିଛି। ସେଥି ମଧ୍ୟରୁ ହାଏରେ ଆଞ୍ଜା ପାଗାଲା ମନ, ବୁରୁ ମାରାଃ, ଓଲ ଓଲ ତେଞ୍ଜ ଓଲ ତାଡା ଆମାଃ ନୁତୁମ, ଦିୱାନା ଦିୱାନୀ, ଓ ସାନାମ ଓ ସାନାମ, ନାମା ନାମା କୁଳି ଆମ ଆଲେ ହାତୁରେ, ନାଃ ଦ ଜୁଲି ଜାଅ ଲିକାଦ କାମ ଜାଗାରା, ମାମୁଁରେ ବେଟି, ବୁରୁ କୁଟିରେ, ସାମା ଗେମ ଚାକାଡ କିଡିଞ୍ଜେ, ନିଲ୍ ଶାଳୀ, ପୂନାଇ ଚାଣ୍ଡୁଃ, ଇଦି ମୀୟାଞ୍ଜି ଆମଦ ଆଲେ ହାତୁତେ, ଡିନ୍ଦେ ଭଉା, କଣ ଲିକାମ ସିନା କାଡ଼ା ଇତ୍ୟାଦି। ସେଥି ମଧ୍ୟରୁ ଶ୍ରୀ ହାଇବ୍ରୁ ନିଜେ ୨୦ ଗୋଟି ସଙ୍ଗୀତରେ ନିଜେ କଣ୍ଠଦାନ କରି ଜଣେ ଶ୍ରେଷ୍ଠ ଗୀତିକାର ହିସାବରେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ସେ ଆଗାମୀ ଦିନରେ ଆହୁରି ଅନେକ ହୋ ସଙ୍ଗୀତ ଲେଖିବା ସହିତ ସେହି ସବୁକୁ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପ୍ରଚାର ପ୍ରସାର କରିବା ଲକ୍ଷ୍ୟ ରହିଛି ବୋଲି କହିଛନ୍ତି।

### ଜରାଜୀର୍ଣ୍ଣ ଅବସ୍ଥାରେ ସରକାରୀ କ୍ୱାଟର

## ଛାତରୁ ଖସୁଛି ପ୍ଲାଷ୍ଟର, ଭାଙ୍ଗିଗଲାଣି କାନ୍ଥ

ରାଇରଙ୍ଗପୁର, ୧୨।୫(ସମିସ)

ମୟୂରଭଞ୍ଜ ଜିଲ୍ଲାର ରତ୍ନଗର୍ଭା ଅଞ୍ଚଳ ଗୋରୁମହିଷାଣୀରେ ସରକାରୀ କ୍ୱାଟର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ପୁରାତନ ଗୃହଗୁଡ଼ିକର ଅବସ୍ଥା ବେହାଲ ହୋଇ ପଡ଼ିଥିବାବେଳେ ବିପଦସଂକୁଳ ଅବସ୍ଥାରେ କର୍ମଚାରୀ ଦିନ କାଟୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମରାମତି କାର୍ଯ୍ୟ ହେଉନାହିଁ। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହେଉଛି।

ବାମନଘାଟି ଉପଖଣ୍ଡ ଅନ୍ତର୍ଗତ ଗୋରୁମହିଷାଣୀ ଅଞ୍ଚଳରୁ ଅନେକ ଖଣିଜ ସମ୍ପଦ ଉତ୍ତୋଳନ ହେଉଥିବାବେଳେ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ପାଉଛନ୍ତି। କିନ୍ତୁ ଏଠାକାର ସ୍ୱାସ୍ଥ୍ୟ ସେବାରେ ଆଖିଦୃଶିଆ ଉନ୍ନତି ସାଧିତ ହୋଇନାହିଁ। ହସ୍ପିଟାଲରେ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଅବସ୍ଥା ବେହାଲ ହୋଇଛି। କର୍ମଚାରୀଙ୍କ ରହିବା ପାଇଁ ଥିବା କ୍ୱାଟର ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗି ନଷ୍ଟ ହୋଇଗଲାଣି। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସରକାରୀ କ୍ୱାଟର ଛାତରୁ ପ୍ଲାଷ୍ଟର ଖସୁଥିବାବେଳେ କାନ୍ଥ ଭାଙ୍ଗିଗଲାଣି। ଫଳରେ



ଉକ୍ତ ସରକାରୀ କ୍ୱାଟର କଡ଼କୁ ଥିବା ଘରଗୁଡ଼ିକ ମଧ୍ୟ ନଷ୍ଟ ହେଉଛି। ସ୍ୱାସ୍ଥ୍ୟ ବିଭାଗ ତ୍ରୁଟି ପାଇଁ ସ୍ଥାନୀୟ ଲୋକ ଜୀବନକୁ ପାଣି ଛଡାଇ ପରିବାର ଲୋକଙ୍କ ସହ ଉକ୍ତ ବିପଦସଂକୁଳ ଅବସ୍ଥାରେ ରହିବାକୁ ବାଧ୍ୟ ହେଉଛନ୍ତି। ଏ ନେଇ ଗୋରୁମହିଷାଣୀ ଅଞ୍ଚଳର ସ୍ମିତାରାଣୀ ମଣ୍ଡଳ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ସେ ଗୋରୁମହିଷାଣୀର ସ୍ଥାୟୀ ବାସିନ୍ଦା ହୋଇଥିବାବେଳେ ସ୍ୱାମୀ ବାହାରେ ଚାକିରି କରନ୍ତି। ତାଙ୍କ ଘରକୁ ଲାଗି ଗୋରୁମହିଷାଣୀ ସିଏଚସି ସରକାରୀ କ୍ୱାଟର ରହିଛି। ପୂର୍ବରୁ ଏହା ଟିସ୍କୋ କମ୍ପାନୀର ଘର ଥିଲା। ସରକାରୀ କ୍ୱାଟର ମଧ୍ୟରୁ ଗୋଟିଏ

- **ନଷ୍ଟ ହେଉଛି ପାଖ ଘର**
- **ବିପଦସଂକୁଳ ଅବସ୍ଥାରେ ରହିଛନ୍ତି ଲୋକ**
- **ବାରମ୍ବାର ଦାବି ସତ୍ତ୍ୱେ ହେଉନି ମରାମତି**

କ୍ୱାଟର ଅବସ୍ଥା ବେହାଲ ଅଟେ। ସେଠାରେ କେହି ରହୁ ନ ଥିବା ହେତୁ ସେ ଘରଟି ଭାଙ୍ଗି ନଷ୍ଟ ହୋଇଯାଇଛି। ଉକ୍ତ ଭଙ୍ଗା ଘରଟି ତାଙ୍କ ଘର କଡ଼କୁ ଥିବା ଯୋଗୁଁ ତାହାର ପ୍ରଭାବ ତାଙ୍କ ଘରେ ପଡ଼ି ନଷ୍ଟ ହେବାକୁ ବସିଲାଣି। ଘରଟି ଅଧା ନଷ୍ଟ ହୋଇ ବିପଦସଂକୁଳ ହୋଇଗଲାଣି। ଦୁଇଥର ଛାତ ପ୍ଲାଷ୍ଟର ଖସି ତାଙ୍କ ମୁଣ୍ଡରେ ପଡ଼ି ସେ ଆହତ ମଧ୍ୟ ହୋଇଛନ୍ତି। ଏ ସମ୍ପର୍କରେ ସିଏଚସି ଅଧିକାରିଣୀଙ୍କୁ ବାରମ୍ବାର ଅବଗତ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କଲେନାହିଁ। କୌଣସି କର୍ଣ୍ଣପାତ ନ କରି ଓଲଟି ଯୁକ୍ତିତର୍କ କରୁଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ଏମିତିକି କିଛି ପୂର୍ବତନ ସିଏଚସି କର୍ମଚାରୀ ମଧ୍ୟ ଅନ୍ୟତ୍ର ବଦଳି ସତ୍ତ୍ୱେ କ୍ୱାଟରକୁ ତାଲା ପକାଇ ନିଜ ଅକ୍ତିଆରରେ ରଖିଛନ୍ତି। ନିଜେ ସିଏଚସି ଅଧିକାରିଣୀ ମଧ୍ୟ ବେସରକାରୀ ଲୋକକୁ ବେଆଇନ ଭାବେ ଦୁଇଟି ସରକାରୀ କ୍ୱାଟର ଦେଇଥିବାର ଅଭିଯୋଗ କରିଛନ୍ତି। ଏ ନେଇ ସିଡିଏମଓ, ଏଡିଏମଓ ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ। ଯାହାକୁ ନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଭଙ୍ଗା ଘରେ ପିଲାଙ୍କୁ ନେଇ ରହୁଥିବାବେଳେ କେତେବେଳେ ବି ଅଘଟଣ ଘଟି ପିଲା ଆହତ ହେବାର ସମ୍ଭାବନା ରହିଛି। କିନ୍ତୁ ସ୍ୱାସ୍ଥ୍ୟ ବିଭାଗର ଖାମଖିଆଲି ନୀତି ପାଇଁ ବିପଦକୁ ଆମନ୍ତ୍ରଣ କରୁଛି। ଆଗକୁ ସମସ୍ୟା ସମାଧାନ ନ ହେଲେ ମହିଳା ଜଣକ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ନାବାଳିକା ଉଦ୍ଧାର, ପରିବାରକୁ ହସ୍ତାନ୍ତର



**ରାଇରଙ୍ଗପୁର/ଗୋରୁମହିଷାଣୀ, ୧୨।୫(ସମିସ):** ଗୋରୁମହିଶାଣୀ ଥାନା ପୁଲିସ ନିଖୋଜ ଥିବା ନାବାଳିକାକୁ ଉଦ୍ଧାର କରିଛି। ଗୋରୁମହିଷାଣୀ ଅଞ୍ଚଳର ଉକ୍ତ ନାବାଳିକା ଜଣକ କିଛି ଦିନ ହେବ ନିଖୋଜ ଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ନାବାଳିକାଙ୍କୁ ଉଦ୍ଧାର କରିଛି। ନାବାଳିକାଙ୍କୁ ଉଦ୍ଧାର କରି ଗୋରୁମହିଷାଣୀ ଆଣିବା ପରେ ପଚାରଉଚରା କରାଯାଇଥିଲା। ସମସ୍ତ ଆଇନ ପ୍ରକ୍ରିୟା କରିବା ପରେ ନାବାଳିକାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।




### ବୁଢ଼ାବଳଙ୍ଗ ନଦୀର ପଣ୍ଡୁପାଳ ଓ ତେନ୍ତୋଳ ଘାଟରେ ବେଆଇନ ବାଲି ଖନନ

## ଏନ୍‌ଜିଟିରେ ମାମଲା, ଯୁଗ୍ମ କମିଟିର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ବାରିପଦା, ୧୨।୫(ସମିସ):** ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ତହସିଲ ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀରୁ ଲକ୍ଷାଧିକ କ୍ୟୁବିକ୍ ମିଟର ବାଲି ବେଆଇନ ଭାବେ ଖନନ କରାଯାଉଥିବା ଅଭିଯୋଗକୁ ଆଧାର କରି ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପୂର୍ବାଞ୍ଚଳ ବେଞ୍ଚ, କୋଲକାତାରେ ଏକ ମାମଲା ରୁଜୁ ହୋଇଛି। ଏନଜିଟିର ଜଷ୍ଟିସ୍ ଅରୁଣ କୁମାର ତ୍ୟାଗୀ (ଜୁଡିସିଆଲ ମେମ୍ବର) ଓ ଈଶ୍ୱର ସିଂହ (ଏକ୍ସପର୍ଟ ମେମ୍ବର)ଙ୍କ ଖଣ୍ଡପୀଠ ଶୁଣାଣି କରି ପ୍ରାଥମିକ ପର୍ଯ୍ୟାୟରେ ଅଭିଯୋଗକୁ ଗୁରୁତ୍ୱ ଦେଇଥିବାବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ଦିଲ୍ଲୀପ କୁମାର ସାମନ୍ତରାୟ (ଓକିଲ ଓ ପରିବେଶ କର୍ମୀ) ଅଭିଯୋଗ କରିଛନ୍ତି ଯେ, ରଞ୍ଜନ କୁମାର ସାମଲ ଓ ଅନ୍ୟମାନେ ଗତ ତିନିବର୍ଷ ଧରି ବୁଢାବଳଙ୍ଗ ନଦୀର ଦୁଇଟି ସ୍ଥାନ ତେନ୍ତୋଳ ଓ ପଣ୍ଡୁପାଳ ବାଲି ଶଯ୍ୟାରୁ ଅନୁମତି



ବିନା ପ୍ରାୟ ୫ ଲକ୍ଷ କ୍ୟୁବିକ୍ ମିଟରରୁ ଅଧିକ ବାଲି ଖନନ କରିଛନ୍ତି। ଏହା ଦ୍ୱାରା ନଦୀର ପରିବେଶ ଓ ଇକୋସିଷ୍ଟମ୍ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। କୌଣସି ଅନୁମତି କିମ୍ବା ଅନୁମୋଦନ ବିନା ଅବୈଧ ଖନନ ଦ୍ୱାରା ନଦୀ ଓ ସୁରକ୍ଷା ଜୋନ୍ କ୍ଷତି ପହଞ୍ଚି ସ୍ଥାନୀୟ ପରିବେଶ ଓ ଜୀବଜଗତ ଉପରେ ପ୍ରଭାବ ପଡ଼ିଛି। ବଡ଼ସାହି ଥାନାରେ ଏନେଇ ମାମଲା ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଆବେଦନରେ ଦିଲ୍ଲୀପ କୁମାର ସାମନ୍ତରାୟ ଏକ ଯୁକ୍ତ କମିଟି ଗଠନ କରି ତଦନ୍ତ କରିବା, ଖନନ ପରିମାଣ ଓ ପରିବେଶ କ୍ଷତିର ମୂଲ୍ୟାଙ୍କନ କରିବା, କ୍ଷତିପୂରଣ ଆଦାୟ କରିବା ଓ ବେଆଇନ ଖନନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରାର୍ଥନା କରିଛନ୍ତି। ଆବେଦନ ଅନୁସାରେ ଏନଜିଟିରେ ମାମଲା ନଂ ୧୨୦/୨୦୨୬/ଇଜେଡ ଅନୁସାରେ ରୁଜୁ ହୋଇଛି। ଅଦାଲତ ଶୀଘ୍ର ଏହାର ଶୁଣାଣି କରିବା ସହ ରାଜ୍ୟ ଖଣି ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜିଲ୍ଲା ପ୍ରଶାସନକୁ ଜଡ଼ିତ କରିଛନ୍ତି। ଏକ ଯୁଗ୍ମ କମିଟି ଗଠନ ପୂର୍ବକ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଆବେଦନକାରୀ ଆଇନଜୀବୀ ଦିଲ୍ଲୀପ କୁମାର ସାମନ୍ତରାୟ କହିଛନ୍ତି। ସ୍ଥାନୀୟ ଲୋକେ ଏହି ଅବୈଧ ଖନନ ବନ୍ଦ କରି ନଦୀ ଓ ନଦୀ ସଂଲଗ୍ନ ଗ୍ରାମକୁ ରକ୍ଷା କରିବା ପାଇଁ ଦାବି କରୁଛନ୍ତି।



ସକାଳ THE SAKALA



## ଥମୁନି କାଳବୈଶାଖୀ; ଚାଷୀଙ୍କ ନାହିଁ ନ ଥିବା କ୍ଷତି

**କାଳିପଦା, ୧୨।୫ (ସମିସ):** ଗଲା କେତେ ଦିନ ହେବ ବାଲିଆପାଳ ଅଞ୍ଚଳରେ କାଳ ବୈଶାଖୀ ଖୁବ ତାଣ୍ଡବ ରଚିଛି। ଏଠାରେ କାଳ ବୈଶାଖୀ ଥମିବାର ନାଁ ଧରୁ ନାହିଁ। କାଳ ବୈଶାଖୀ ପ୍ରଭାବରେ ଚାଷୀଙ୍କର ନାହିଁ ନ ଥିବା କ୍ଷତି ପରିଲକ୍ଷିତ ହୋଇଛି। କାଳ ବୈଶାଖୀ ଯୋଗୁଁ ରବି ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ସୁବର୍ଣ୍ଣରେଖା ନଦୀ କୂଳ ଓ ବଙ୍ଗୋପ ସାଗର ଉପ କୂଳରେ ଶୀତ ଋତୁରେ ପ୍ରଚୁର ପରିମାଣରେ ପନିପରିବା ଚାଷ ହୋଇ ଥାଏ।ଚଳିତ ବର୍ଷ ଅନୁକୂଳ ପାଗ ଯୋଗୁଁ ପରିବା ଚାଷ ସାଙ୍ଗକୁ ମୁଗ, ବିରି, ଚିନାବାଦାମ, ରାଶି ଆଦି ଚାଷ ଖୁବ ଭଲ ହୋଇଥିଲା। ଲଗାତାର କାଳ ବୈଶାଖୀ ଯୋଗୁଁ କ୍ଷେତରୁ ବିରି, ମୁଗ, ରାଶି ଆଦି ଅମଳ ହୋଇ ପାରୁ ନାହିଁ। ଏବେ ବି ହାଇ ଇଲଡିଂ ପାଚିଲା ଧାନ ମଧ୍ୟ ଅମଳ ହୋଇ ପାରି ନାହିଁ। ଧାନ କଟା ମେସିନ ଦ୍ୱାରା ଯାହା କିଛି ଅମଳ ହୋଇଛି। ଲଗାତର କାଳ ବୈଶାଖୀ ଯୋଗୁଁ ଆମ୍ବ ଓ କାଜୁ ବାଦାମ ଫସଲରେ ବ୍ୟାପକ କ୍ଷତି ହୋଇଛି। ପବନ ଓ ବର୍ଷା ଯୋଗୁଁ ଆମ୍ବ ଓ କାଜୁ ବାଦାମ ଗଛରୁ ଫଳ ସବୁ ଝଡି ଯାଇଛି। ଚାଷୀଙ୍କ ଖଳାରେ ଧାନ ଗଦା ପଡି ଗଜା ହେଉଛି। ମୁଗ, ବିରି, ରାଶି ଆଦି ମଧ୍ୟ ଖଳାରେ ପଡି ରହି ନଷ୍ଟ ହେଉଛି।ଆଉ ଅଧିକ ଦିନ କାଳ ବୈଶାଖୀ ଲାଗି ରହିଲେ ଚାଷୀ କ୍ଷତି ଭରଣା କରି ପାରିବେ ନାହିଁ ବୋଲି ଗଜେନ୍ଦ୍ର ଜେନା, ମୁରଲୀ ମୋହନ ଜେନା, ଅତୁଲ କୁମାର ଭୋଳ, ସୁଦାମ କୁମାର ଦାସ, କାର୍ତ୍ତିକ କୁମାର ଧଳ, ବାବାଜୀ କୁମାର ପାତ୍ର, ଅଜୟ କୁମାର ଦାସ, ସନ୍ତୋଷ କୁମାର ବାରିକ, କାଳି ଚରଣ ବାରିକ, କାହ୍ନୁ ଚରଣ ପାତ୍ର, ଜଗଦୀଶ ପ୍ରସାଦ ନାୟକ ପ୍ରମୁଖ କହିଛନ୍ତି।

## ରେମୁଣା ବରିଷ୍ଠ ନାଗରିକ ମଞ୍ଚ ବୈଠକ

**ରେମୁଣା,୧୨।୫(ସମିସ):** ରେମୁଣା ବରିଷ୍ଠ ନାଗରିକ ମଞ୍ଚ ମାସିକ ବୈଠକ ସ୍ଥାନୀୟ "ଓଁମ ନିବାସ " ପରିସରରେ ଦେବଦାସ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରେମୁଣା ଭଳି ଏକ ସମ୍ବେଦନଶୀଳ ସ୍ଥାନକୁ ପ୍ରଶାସନ ପକ୍ଷରୁ ଅଣଦେଖା ହେଉଥିବା ବେଳେ, ରେମୁଣା ଅଞ୍ଚଳ ତଥା ବାହାରୁ ଆସୁଥିବା ରୋଗୀ ଛାତ୍ର, ଛାତ୍ରୀ, ମହିଳା, ଶିଶୁ ଓ ବରିଷ୍ଠ ନାଗରିକ ମାନେ ରାସ୍ତା ଦୁର୍ଘଟଣା, ଶୌଚାଳୟ ନଥିବା ଯୋଗୁ ଟ୍ରାଫିକ ବିହିନ ଯାନବାହାନା ଜାମରେ ଘଣ୍ଟା ଘଣ୍ଟା ଧରି ଆମ୍ବୁଲାନ୍ସ, ଦମକଳ ଫସି ରହିବା, ରେମୁଣା ବଜାର ବାସନ୍ତୀ ମାର୍କେଟ ଛକରୁ ଥାନା ପର୍ଯ୍ୟନ୍ତ ୨୦୦ମିଟର ଜନବସତି ରାସ୍ତା ପାର୍ଶ୍ୱରେ ଠିପିବନ୍ଦ, ଠିପି ଖୁଲା ଦୁଇଟା ମଦ ଦୋକାନ ବେପରୁଆ ଭାବେ ଚାଲିଥିବା ବେଳେ ସମ୍ବେଦନଶୀଳ ଥାନା ଜନବସତି ରାସ୍ତାରେ ସାମାଜିକ ସ୍ଥିତି ରହୁନାହିଁ, ଯାହାଫଳରେ ଉକ୍ତରାସ୍ତାରେ ସାଧାରଣ ନାଗରିକ, ବରିଷ୍ଠ ନାଗରିକ, ଶିଶୁ, ମହିଳା, ଛାତ୍ର ଛାତ୍ରୀଙ୍କ ଉପରେ କୁପ୍ରଭାବ ପଡୁଅଛି। ଏଣୁ ଆଜିର ବୈଠକରେ ଏହାର ସାମାଜିକ ସୁଧାରପାଇଁ ପ୍ରଶାସନକୁ ନିବେଦନ କରାଯାଇଥିବାବେଳେ ସାମାଜିକ ସ୍ଥିତି ବଜାଇ ରଖିବାକୁ ଆହ୍ୱାନ କରାଯାଇଛି। ବୈଠକରେ ଭେଟ୍ରିନ ଫୁଟବଲ ଟିମର ଅଧିନାୟକ ଶିବନାରାୟଣ ବିନ୍ଧାଣି, ବରିଷ୍ଠ ଶିକ୍ଷାବିତ ଜଳଧର ଦାସ, ମୃତ୍ୟୁଞ୍ଜୟ ପ୍ରଧାନ, ସଇଦର ବିବି, ସନ୍ତୋଷ କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ,ନାମ ଦେବ କମିଲା, ଅବନୀ ପ୍ରଧାନ, ଗଜେନ୍ଦ୍ର ଦାସ, ସଂଗଠନ ସମ୍ପାଦକ ବରିଷ୍ଠ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ଜୟନ୍ତ ବରାଳ, ଚକ୍ରଧର ଦାସ, ତପନ ଦାସ, ରଘୁନାଥ ଭୋଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମଞ୍ଚର ସାଧାରଣ ସମ୍ପାଦକ ନିରଞ୍ଜନ ମହାରଣା ସ୍ୱାଗତ ଅଭିଭାଷଣ ସହିତ ଧନ୍ୟବାଦ ଦେଇଥିଲେ।

## ଫକୀରମୋହନ ବିକାଶ ପରିଷଦ ତରଫରୁ ଶ୍ରଦ୍ଧାଞ୍ଜଳି ସଭା

**ବାଲେଶ୍ୱର,୧୨।୫(ସମିସ):** ରେମୁଣା ବ୍ଲକ ଅନ୍ତର୍ଗତ କରଞ୍ଜିଆ ପଞ୍ଚାୟତର ଫକୀରମୋହନ ନଗର ନିବାସୀ ସ୍ୱର୍ଗତ ଗଦାଧର ମହାରଣାଙ୍କ ଦେହାନ୍ତ ହୋଇଥିବା ବେଳେ ଏକ ଶ୍ରଦ୍ଧାଞ୍ଜଳି ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ ବିକାଶ ପରିଷଦ ତରଫରୁ କାର୍ଯ୍ୟକାରୀ ସମ୍ପାଦକ ସମ୍ବିତ ବେହେରାଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଅନୁଷ୍ଠାନ ସଭାପତି ଗୋପୀନାଥ ଦାସ, ସମାଜସେବୀ ମାୟାଧର ମହାଳିକ, ବିଜେଡ଼ି ଯୁବନେତା ମନୋଜ ରାଉତ, ଜଗମୋହନ ଜେନା, ଅରୁଣ ମାଇତି, ଶିବାନନ୍ଦ ପଣ୍ଡା,ସ୍ନେହ ଲତା ଜେନା, ମାମି ମହାଳିକ, ଚଞ୍ଚଳ ଗାଙ୍ଗୁଲି, ନବ ଦାସ, ସଞ୍ଜୟ ଦାସ, ଭଗବାନ ବେହେରା, ଅଜିତ ପାଣିଗ୍ରାହୀ, ଲକ୍ଷ୍ମୀ କାନ୍ତ ଜେନା, ବାପି ଦାସ, ଗୋପବନ୍ଧୁ ସାହୁ, ଭଞ୍ଜ କିଶୋର ପ୍ରଧାନଙ୍କ ସମେତ କରଞ୍ଜିଆ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଗଦାଧର ଅବିଭକ୍ତ କୁରୁଡା ଅଞ୍ଚଳରେ ଜଣେ ଯୁବ ଉଦ୍ୟୋକ୍ତା ସହ ପୂର୍ବତନ ୱାର୍ଡ ମେମ୍ବର ତଥା ବିଗତ ଦିନରେ କରଞ୍ଜିଆ ବିଜେଡ଼ି ସଭାପତି ମଧ୍ୟ ଥିଲେ।

# ଉତ୍ତର ବାଲେଶ୍ୱରରେ ରବିଧାନର ଅଭାବୀ ବିକ୍ରି

**ଜଳେଶ୍ୱର, ୧୨।୫ (ସମିସ)**



- କ୍ୱିଣ୍ଟାଲ ପିଛା ବିକ୍ରି ହେଉଛି ୧୩ଶହ ୫୦ଟଙ୍କା
- ସରକାରୀ ମଣ୍ଡି ଖୋଲିବ କେବେ ?

ଚଳିତବର୍ଷ ରବିଧାନ ଅମଳ ସମୟରେ ବାରମ୍ବାର ଝଡତୋଫାନ ଓ ବର୍ଷା ହୋଇଥିବାରୁ ଚାଷୀମାନେ ହଇରାଣ, ହରକତ ହୋଇ ଧାନ ଅମଳ କରୁଛନ୍ତି। ଧାନ ଅମଳରେ ବ୍ୟାପକ ଖର୍ଚ୍ଚ ହେଉଥିବାରୁ ତାକୁ ଭରଣ କରିବାରୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି। ସରକାର ମଣ୍ଡି ଗୁଡିକରେ ଧାନ କ୍ୱିଣ୍ଟାଲ ପ୍ରତି ୨୩୬୯ ଟଙ୍କା ଓ ସହାୟକ ମୂଲ୍ୟ ୮ଶହ ଟଙ୍କା ଘୋଷଣା କରିଥିବା ବେଳେ ଅଦ୍ୟାବଧି ମଣ୍ଡି ଗୁଡିକ ଖୋଲି ନାହିଁ। ଫଳରେ ଚାଷୀ କ୍ୱିଣ୍ଟାଲ ପ୍ରତି ଧାନ ୧୩ଶହ ୫୦ଟଙ୍କାରେ ବିକ୍ରି କରିବାକୁ ବାଧ ହେଉଛନ୍ତି। କୃଷି ବିଭାଗର ତଥ୍ୟରୁ ପ୍ରକାଶ ଜଳେଶ୍ୱର କୃଷି ଜିଲାର ଭୋଗରାଇରେ ୧୦ହଜାର ୫ଶହ ହେକ୍ଟର, ଜଳେଶ୍ୱରରେ ୫ହଜାର୮ଶହ ହେକ୍ଟର, ବାଲିଆପାଳରେ ୪ହଜାର ୮ଶହ ହେକ୍ଟର ଜମିରେ ଧାନଚାଷ ହୋଇଥିବା ଆକଳନ କରାଯାଇଛି। ଏପ୍ରିଲ ମାସ ୧୫ତାରିଖରୁ ଉତ୍ତର ବାଲେଶ୍ୱରରେ ଧାନ ଅମଳ ଆରମ୍ଭ ହେଲାଣି। କିନ୍ତୁ ପ୍ରତିଦିନ କାଳବୈଶାଖୀ ଓ ପ୍ରବଳ ବର୍ଷା ଲାଗି ରହୁଥିବାରୁ ଚାଷୀମାନେ ମେସିନ୍ ସହାୟତାରେ ଧାନ ଅମଳ କରିବାକୁ ବାଧ ହେଉଛନ୍ତି। ଏକର ପ୍ରତି ଧାନ ଅମଳ ଲାଗି ୩ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ପ୍ରତିକୂଳ ପାଗ ଯୋଗୁଁ ମଜୁରୀ ସହାୟତାରେ ଅମଳ ସମ୍ଭବ ହେଉନାହିଁ। କିନ୍ତୁ ଏବେ ସରକାରୀ ମଣ୍ଡି ରାଜ୍ୟର ଉତ୍ତର ଉପାନ୍ତରେ ଉପରୋକ୍ତ ୩ଟି ବ୍ଲକ ଥିବାରୁ ଧାନ ବିକ୍ରିରେ ଚାଷୀ ହନ୍ତସନ୍ତ ହେଉଛି। କିନ୍ତୁ ବହୁ ସ୍ଥାନରେ ଘରୋଇ ଖଟି ସହାୟତାରେ କ୍ରୟ ଆରମ୍ଭ ହୋଇଛି। ଖଟି ଗୁଡିକରେ ଧାନ କ୍ୱିଣ୍ଟାଲ ପ୍ରତି ଆଜି ସଂଧାରେ ୧୩ଶହ ୫୦ଟଙ୍କାରେ କ୍ରୟ କରୁଥିବାରୁ କେତେକ ଚାଷୀ ପ୍ରତିନିଧି, କୃଷକ ସଭା ସଦସ୍ୟ, କୃଷକ କ୍ଲବ ଓ ଉଠିଆ ଚାଷୀମାନେ ପ୍ରକାଶ କରିଛନ୍ତି। ରବିଧାନ ଚାଷରେ ଧାନ ତଳିଠାରୁ ଧାନ ଅମଳ ପର୍ଯ୍ୟନ୍ତ ବ୍ୟାପକ ଖର୍ଚ୍ଚ ହେଉଥିବା ବେଳେ ଏବେ ଅମଳ ପାଇଁ ହାରର୍ଭେଷ୍ଟରକୁ ଏକର ପ୍ରତି ୩ହଜାର ଟଙ୍କା ଦେବାପରେ କ୍ୱିଣ୍ଟାଲ ପ୍ରତି ଧାନ ୧୩ଶହ ୫୦ଟଙ୍କାରେ ବିକ୍ରି କରିବା ବେଡି ଉପରେ କରଡା ଭଳି ହୋଇଛି। ଏକ ତଥ୍ୟରୁ ପ୍ରକାଶ, ଜଳେଶ୍ୱର, ଭୋଗରାଇ, ବାଲିଆପାଳରେ ୧୩ଲକ୍ଷ କ୍ୱିଣ୍ଟାଲ ଧାନ ଅମଳ ହେବାକୁ ଥିବା ବେଳେ ଚାଷୀମାନେ କିପରି ବିକ୍ରି କରି ଋଣ ପରିଶୋଧ କରିବେ ସେମାନଙ୍କ ମନରେ ସଂଶୟ ସୃଷ୍ଟି ହୋଇଛି।

## ସମାଜ କଲ୍ୟାଣ ବିକାଶ ପରିଷଦର ଜରୁରୀ ବୈଠକ



**ଜଳେଶ୍ୱର, ୧୨।୫ (ସମିସ) :** ଜଳେଶ୍ୱର ରେଳ ଷ୍ଟେସନକୁ ଅମୃତଭାରତ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ତା'ର କୌଣସି ଆଖିଦୃଶିଆ ବିକାଶ ହୋଇନାହିଁ। ଯାତ୍ରୀମାନଙ୍କ ଲାଗି ବିଭିନ୍ନ ମୌଳିକ ସମସ୍ୟା ରହିଥିଲେ ମଧ୍ୟ ଏ ସଂପର୍କରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଉଥିଲେହେଁ ଏହାର କୌଣସି ସମାଧାନ ହେଉନାହିଁ। ଲକ୍ଷ୍ମଣନାଥ ଠାରୁ ରାଣିତାଲ ପର୍ଯ୍ୟନ୍ତ ଓଡିଶାରେ ଥିବା ଷ୍ଟେସନ ଗୁଡିକ ସମେତ ଜଳେଶ୍ୱର ରେଳ ଷ୍ଟେସନକୁ ଦକ୍ଷିଣପୂର୍ବ ରେଳ ଡିଭିଜନ୍‌ରୁ ବାଦ୍ ଦେଇ ପୂର୍ବତଟ ରେଳ ଡିଭିଜନ୍‌ରେ ସଂଯୋଗ କରିବା ଦାବିରେ ସମାଜ କଲ୍ୟାଣ ବିକାଶ ପରିଷଦର ଜରୁରୀ ବୈଠକ ଷ୍ଟେସନବଜାର କାଳିମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ଖୁବ୍ ଶୀଘ୍ର ଏକ ପ୍ରତିନିଧି ଦଳ ରେଳ ମନ୍ତ୍ରୀ, କୋଲକତାସ୍ଥିତ ଗାର୍ଡେନ୍‌ରିଚ୍‌ର ଜିଏମ୍‌ଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସର୍ବସମ୍ମତିକ୍ରମେ ପାରିତ ହୋଇ ଯାଇଛି। ପରିଷଦର ସଭାପତି ରମାକାନ୍ତ ଭଂଜଙ୍କ ପୌରହିତ୍ୟରେ ସଂପାଦକ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ସିଦ୍ଧେଶ୍ୱର ପଣ୍ଡା, ଡ. ଅଜିତ୍ ମହାନ୍ତି, ଅବନୀ ଚାନ୍ଦ, ଶ୍ରୀମନ୍ତ ଘୋଷ, ଅଂଜନ ଦାସ, ଶରତଚନ୍ଦ୍ର ପରିଡା, ବନମାଳି ଧଳ, ସତ୍ୟନାରାୟଣ ଦାସ, ସତ୍ୟେନ ନାଗ, ଜଗନ୍ନାଥ ଗୋଛାୟତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ଝାଡ଼େଶ୍ୱର ଇଞ୍ଜିନିୟରିଂ ସ୍କୁଲରେ କ୍ୟାମ୍ପସ ଚୟନ




**ବାଲେଶ୍ୱର,୧୨।୫ (ସମିସ):** ରେମୁଣା ସୁତେଇସ୍ଥିତ ଝାଡେଶ୍ୱର ଡିପ୍ଲୋମା ଇଞ୍ଜିନିୟରିଂ ସ୍କୁଲରେ କ୍ୟାମ୍ପସ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ପୁନେସ୍ଥିତ ଏଲିକନ କାଷ୍ଟାଆଲୋଏ ଲିମିଟେଡ କମ୍ପାନୀ ତରଫରୁ ମାନବ ସମ୍ବଳ ବିଭାଗର ମୁଖ୍ୟ ତଥା ପ୍ରଶାସନିକ ଅଧିକାରୀ ଜଗଦୀଶ, ସହଯୋଗୀ ମାନବ ସମ୍ବଳ ଅଧିକାରୀ ରବିନ୍ଦ୍ର ରାହାସେ ଓ ଅପରେସନାଲ ବିଭାଗୀୟ ମୁଖ୍ୟ ପ୍ରଣଭାନନ୍ଦ ମହାରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ୟାମ୍ପସ ଚୟନ ପ୍ରକ୍ରିୟାରେ ଝାଡେଶ୍ୱର ଡିପ୍ଲୋମା ଇଞ୍ଜିନିୟରିଂ ସ୍କୁଲ ଓ ଝାଡେଶ୍ୱର ଶିଳ୍ପ ତାଲିମ କେନ୍ଦ୍ରର ବିଭିନ୍ନ ବିଭାଗର ଶେଷ ବର୍ଷର ପିଲାମାନେ ଭାଗ ନେଇଥିଲେ। ତନ୍ମଧ୍ୟରୁ ୫୦ ଜଣ ଛାତ୍ର ଯୋଗ୍ୟ ବିବେଚିତ ହୋଇଥିଲେ। ଅନୁଷ୍ଠାନର ଚେୟାରମେନ ପରମାନନ୍ଦ ସାନ୍ତରା, ପରିଚାଳନା ନିର୍ଦ୍ଦେଶକ ସର୍ବେଶ୍ୱର ସାନ୍ତରା, ଏକାଡେମିକ ଡିନ୍ ପ୍ରଫେସର ଡ. ବିନାୟକ ସାହୁ, ପ୍ରିନ୍ସିପାଲ ଇଂ ବିଭୁପ୍ରସାଦ ମାହାନା, ପ୍ରଶାସନିକ ଅଧିକାରୀ ପତିତପାବନ ସାହୁ ଓ ଝାଡେଶ୍ୱର ଇଞ୍ଜିନିୟରିଂ କଲେଜର ଟ୍ରେନିଙ୍ଗ ବିଭାଗର ମୁଖ୍ୟ ବିଦ୍ୟା ଦେବସ୍ମିତା ଯୋଗ୍ୟ ବିବେଚିତ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ବରିଷ୍ଠ ଅଧ୍ୟାପକ ବିମଳ କୁମାର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ଲେସମେଣ୍ଟ ଦାୟିତ୍ୱରେ ଥିବା ଅଧ୍ୟାପକ ଇଂ ଅମରେଶ ଗିରି ଓ ଅଧ୍ୟାପକ ଇଂ ବିଶ୍ୱଜିତ ପଣ୍ଡା କ୍ୟାମ୍ପସ ଚୟନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ।

## ସ୍ୱାଭିମାନ ଯୁବ ମୋର୍ଚ୍ଚା ରେମୁଣା ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା




**ରେମୁଣା,୧୨।୫ (ସମିସ):** ସ୍ୱାଭିମାନ ଯୁବ ମୋର୍ଚ୍ଚା ରେମୁଣା ତରଫରୁ ସାରା ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଥିବା ଏବଂ ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଜନ ସଚେତନତା ପାଇଁ ରେମୁଣା ହାଟିଆଗଣ୍ଡ ଛକ ଠାରୁ ମନ୍ଦିର ଛକ ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କମଳ ଲୋଚନ ପଣ୍ଡା, ପ୍ରେମରଞ୍ଜନ ପାତ୍ର, ସାନ୍ତନୁ ପୁହାଣ, ଅଜୟ ମହାଳିକ, ମନୋରଞ୍ଜନ ଭୋଳ, ଶ୍ରୀକାନ୍ତ ପାତ୍ର, ହରିଶ ଜେନା, ଗଣେଶ ସାହୁ, ଜୟନ୍ତ ପଢ଼ିଆରି, ବସନ୍ତ ରାଉତ୍, ସ୍ୱରୂପରଞ୍ଜନ ରାଉତ୍, ହିତେଶ ରାଉତ୍, ରଜତ ବାରିକ୍, ସୁଭାଶିଷ ପତି, ମନୋଜ ରାଉତ୍, ସୁମନ୍ତ ଦାସ, ନରେଶ ମହାଳିକ, ଜଗା, ଶିବ ଦାସ, ଗୋପୀନାଥ ମହାରଣା, ମନୋରଞ୍ଜନ ପାଲ, କାଳିଆ ପତି, ସେକ୍ ଅବରାଜ୍, ସେକ ସକ, ପ୍ରଣୟ ଚଣ୍ଡ, ରାଜେଶ ବାରିକଙ୍କ ସମେତ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ରହି ଶୋଭାଯାତ୍ରା କୁ ସଫଳ କରାଇଥିଲେ।

## ୪୦ ୱାରେଣ୍ଟି ଗିରଫ

**ସିମୁଳିଆ, ୧୨।୫ (ସମିସ) :** ବାଲେଶ୍ୱର ଜିଲ୍ଲା ସିମୁଳିଆ ଅଞ୍ଚଳରେ ବହୁ ଦିନ ଧରି ହୋଇଥିବା ମକଦ୍ଦମାର ବିଚାର ଧୀନ ଆସାମୀ ମାନେ କୋର୍ଟରେ ହାଜର ହେଉନଥିବା ରୁ ୫୦ରୁ ଅଧିକ ବିଚାରାଧୀନ ଆସାମୀଙ୍କ ବିରୋଧରେ କୋର୍ଟ ସିମୁଳିଆ ଥାନାକୁ ୱାରେଣ୍ଟ ଜାରି କରି ଥିଲା। ଏହା ପରେ ସିମୁଳିଆ ପୁଲିସ ଥାନା ପକ୍ଷରୁ ବିଶେଷ ଧରପଗଡ଼ ଅଭିଯାନ ଚାଲାଯାଇଥିଲା। ଥାନା ଅଧିକାରୀ ଦେବରାଜ ଜେନାଙ୍କ ନେତୃତ୍ୱରେ ପୁଲିସ ଟିମ କେବଳ ୩ ଦିନ ମଧ୍ୟରେ ୪୦ ଜଣ ବିଚାରାଧୀନ ଆସାମୀଙ୍କୁ ଧରିବାରେ ସଫଳ ହୋଇଲା। ଏହି ଅଭିଯାନରେ ସବ୍-ଇନ୍ସପେକ୍ଟର ଖିରୋଦ ସାହୁ, ବିଶ୍ୱମ୍ବର ଚକ୍ରବର୍ତ୍ତୀଙ୍କ ସହ ଏଏସଆଇ ଅଶୋକ କୁମାର ବେହେରା, ସନ୍ତୋଷ କୁମାର ବିଶ୍ୱାଳ, ମହେନ୍ଦ୍ର ନାୟକ, ଖଗେନ ମହାଳିକ ଓ ବିଶ୍ୱଜିତ ସେଠୀ ପ୍ରମୁଖ ସାମିଲ ଥିଲେ।

# ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ









## ସୁଲଗ୍ନା ବିଏସସି ନର୍ସିଂ କଲେଜ

**ବାଲେଶ୍ୱର,୧୨।୫ (ସମିସ):** ମଠସାହି, ସରିତାନଗରସ୍ଥିତ ସୁଲଗ୍ନା ବିଏସସି ନର୍ସିଂ କଲେଜରେ ଅନ୍ତର୍ଜାତୀୟ ନର୍ସିଂ ଦିବସ ପାଳିତ ହୋଇଯାଇଛି। ଏଥିରେ ବରେଣ୍ୟ ଅତିଥି ଭାବେ ସୁଲଗ୍ନା ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ସର ପ୍ରତିଷ୍ଠାତା ତଥା ଚେୟାରମେନ ଡ. ଘନଶ୍ୟାମ ବିଶ୍ୱାଳ କାର୍ଯ୍ୟକ୍ରମ ଉଦଘାଟନ କରିବା ସହ ଉପସ୍ଥିତ ନର୍ସିଂ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ, ଦାୟିତ୍ୱଶୀଳ ଏବଂ ସେବାଭାବାପନ୍ନ ହେବାକୁ ଉପଦେଶ ଦେଇଥିବା ବେଳେ ଫକୀରମୋହନ ମେଡିକାଲ କଲେଜର ପୂର୍ବତନ ସୁପରିଟେଣ୍ଡେଣ୍ଟ ପ୍ରଫେସର ଡା ସୁଧୀର କୁମାର ଘୋଷ ମୁଖ୍ୟ ଅତିଥି ଭାବେ ଆପତକାଳୀନ ସ୍ୱାସ୍ଥ୍ୟ ସେବା ଦିଗରେ ନର୍ସମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ବାବଦରେ ଆଲୋଚନା ରଖିଥିଲେ। ସୁଲଗ୍ନା ବିଏସସି ନର୍ସିଂ କଲେଜର ଭାଇସ୍ ପ୍ରିନସିପାଲ ଡ. ଧରଣୀଧର ଘୋଷ ଏହି କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିବା ବେଳେ ସୁଲଗ୍ନା ଯୁକ୍ତ ଦୁଇ ସାଇନ୍ସ କଲେଜର ପ୍ରିନସିପାଲ ପ୍ରଫେସର ଚକ୍ରଧର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ଆୟୋଜିତ ସ୍ୱାସ୍ଥ୍ୟ ସେବା ଶିବିରରେ ରକ୍ତଚପ ପରୀକ୍ଷା, ଶ୍ୱାସହାର ପରୀକ୍ଷା ଓ ସୁଗାର ପରୀକ୍ଷା ସହ ଫାଷ୍ଟ ଏଡ୍ ଡେମୋ, ନ୍ୟୁଟ୍ରିସନ କାଉନସେଲିଂ, ହାଇଜିନ କାଉନସେଲିଙ୍ଗ ଇତ୍ୟାଦି ଆୟୋଜିତ ହୋଇଥିଲା। ଏହି ଅବସରରେ ଆୟୋଜିତ 'ସରକାରୀ ବନାମ ବେସରକାରୀ ହସ୍ପିଟାଲ' ଶୀର୍ଷକ ଦଳଗତ ବିତର୍କ ପ୍ରତିଯୋଗିତାରେ ଛାତ୍ରୀମାନଙ୍କର ଦଳଟି ବିଜେତା ହୋଇଥିଲା ବେଳେ କୁଇଜ ପ୍ରତିଯୋଗିତାରେ ମଦର ଟେରେସା ଗ୍ରୁପ ବିଜେତା ଘୋଷିତ ହୋଇଥିଲା। ସେହିପରି ସଂଗୀତ ପ୍ରତିଯୋଗିତାରେ ଦିବ୍ୟାଶା ମହାପାତ୍ର, ସାବିତ୍ରୀ ମୁଖୀ ଏବଂ ରାଜଶ୍ରୀ ଅଙ୍କିତା ସେଠୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲା ବେଳେ ଏକକ ଅଭିନୟରେ ରାଜଶ୍ରୀ ଅଙ୍କିତା ସେଠୀ, ସାବିତ୍ରୀ ମୁଖୀ ଓ ସ୍ୱାଗତିକା ପଟ୍ଟନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ପ୍ରବନ୍ଧ ଲିଖନରେ ଦିବ୍ୟାଶା ମହାପାତ୍ର, ଅନ୍ତର୍ଯ୍ୟାମୀ ବାରିକ ଓ ପ୍ରକାଶ କୁମାର ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଗ୍ରୁପ ଓ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱରା ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହାପରେ ନର୍ସିଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ନର୍ସିଂ ଅଧ୍ୟାପକ ଦେବେଶ ମଲ୍ଲିକ, ଅଧ୍ୟାପିକା ସାଗରିକା ରାଉତ, ଅଧ୍ୟାପିକା ସ୍ୱାତୀକୃଷ୍ଣା ଦତ୍ତ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଦିବ୍ୟାଦୀପ୍ତି ସାହୁ, ଅଧ୍ୟାପିକା ମୋନାଲିସା ନାୟକ ଏବଂ ଅଧ୍ୟାପିକା ସଂଗୀତା ଦାସଅଧିକାରୀ ପ୍ରମୁଖ ସହଯୋଗ କରିଥିଲେ।

## ନିଷ୍ଠ ନର୍ସିଂ କଲେଜ

ଚାନ୍ଦିପୁର ରୋଡସ୍ଥିତ ହିଡ଼ିଗାଁରେ ଅବସ୍ଥିତ ନିଷ୍ଠ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ ବିଏସି ନର୍ସିଂ ଓ ଜିଏନଏମ କଲେଜ ଦ୍ୱାରା ବିଶ୍ୱ ସେବିକା ଦିବସ ପାଳନ କରାଯାଇଛି। ଭାରପ୍ରାପ୍ତ ଅଧକ୍ଷା ପ୍ରାଚୀ ପ୍ରଭା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଡାକ୍ତରଖାନାର ଅତିରିକ୍ତ ନିର୍ଦ୍ଦେଶକ ଡ଼ଃ ରଞ୍ଜନ କୁମାର ନାୟକ ଯୋଗଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସମ ଅଲ୍ଟିମେଟ ହସ୍ପିଟାଲର କ୍ୟାନ୍ସର ବିଭାଗ ମୁଖ୍ୟ ମେଡିକାଲ ଅଫିସର ବରିଷ୍ଠ ପ୍ରଫେସର ଡାକ୍ତର ଚିର ରଞ୍ଜନ ଖଡେଙ୍ଗ ଜଣେ ନର୍ସ ହିଁ ଗୋଟେ ରୋଗୀର ମାଆ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଟାଉନ ଥାନା ଅଧିକାରୀ ବିଜୟ କୁମାର ଦାସ ଗୋପବନ୍ଧୁ ଦାସଙ୍କ ସେବା ବିଷୟରେ ବୁଝାଇଥିଲେ। ସଭା କାର୍ଯ୍ୟ ଆରମ୍ଭରୁ ଛାତ୍ରୀ ଇତିଶ୍ରୀ ଦାସ ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଛାତ୍ରୀ ସ୍ୱାଗତିକା, ଦେବସ୍ମିତା, କ୍ରିଷ୍ଣା, ଅର୍ଚ୍ଚନା, ସେମାନଙ୍କ ବକ୍ତୃତା ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନା କରିଥିଲେ। ମନିଷା ଦଳେଇ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସମ୍ମାନିତ ବକ୍ତା ଭାବେ +୨ ନିଷ୍ଠ ବିଦ୍ୟାଳୟ ଅଧକ୍ଷ ହରିହର ରାଉତ, ଅଗ୍ନି ଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ ତଥା ନୈତିକ ଶିକ୍ଷା ରେ ବିଶ୍ୱ ରେକର୍ଡ କରିଥିବା ଅଧ୍ୟାପକ ଡ଼କ୍ଟର ପଙ୍କଜ କୁମାର ଜେନା, ଅଧ୍ୟାପକ ବିଦ୍ୟାଧର ପ୍ରଧାନ, ଅଧ୍ୟାପକ ନିରଞ୍ଜନ ଜେନା, ଅଧ୍ୟାପକ ଚନ୍ଦନ କୁମାର ନାୟକ, ସମାଜସେବୀ କେଶବ ନାୟକ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସସ୍ମିତା ଚାନ୍ଦ, ଲିପ୍ସିତା ନାୟକ, ସୌମ୍ୟ ଜ୍ୟୋତି ନାୟକ, ପୂର୍ଣ୍ଣିମା ମହାପାତ୍ର, ଦେବସ୍ମିତା ପ୍ରଧାନ ଉପସ୍ଥିତ ଥିଲେ। ଅଧ୍ୟାପିକା ସୌମ୍ୟା ଜ୍ୟୋତି ନାୟକ ପିଲାମାନଙ୍କୁ ମହମବତୀ ଜଳାଇ ଶପଥ ପାଠ କରାଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି, ମାନପତ୍ର ପ୍ରଦାନ କରିଥିଲେ। ସନ୍ଧ୍ୟାରେ ପିଲାମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଦାଶିବ ଜେନା, ଅଜିତ୍ କୁମାର ସାହୁ, ମନୋଜ କୁମାର ପ୍ରଧାନ, ଚନ୍ଦ୍ରକାନ୍ତ ଜେନା, ଉମାକାନ୍ତ ଜେନା ସହଯୋଗ କରିଥିଲେ। ଆଗାମୀ ସପ୍ତାହ ସେବା ସପ୍ତାହ ଭାବେ ପାଳନ କରିବାକୁ ଅଧକ୍ଷ ଘୋଷଣା କରିଥିଲେ।

## ଆଇଏମଏସଆର ବାଲେଶ୍ୱର

ଉତ୍କଳ ବାଣୀ ପରିସରରେ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍ସ ଆଣ୍ଡ ରିସର୍ଚ୍ଚ, କାଳିଦାସପୁର, ନର୍ସିଙ୍ଗ ମହାବିଦ୍ୟାଳୟର ଅନ୍ତର୍ଜାତୀୟ ସେବିକା ଦିବସ ଓ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୋଲିସ ଅଫିସର ପ୍ରଜ୍ଞା ପାରମିତା ମହାନ୍ତି, ଅନ୍ୟତମ ଅତିଥି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେଶ ପ୍ରିୟଦର୍ଶୀ ଓ ଲୋକପ୍ରିୟ ଡାକ୍ତର ଶାନ୍ତନୁ ଦାସ ଓ ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଫ୍ଲୋରେନ୍ସ ନାଇଟଙ୍ଗେଲ ଓ ପ୍ରଭୁ ଜଗନ୍ନାଥଙ୍କୁ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅନୁଷ୍ଠାନ ଚେୟାରମ୍ୟାନ ଡାକ୍ତର ସ୍ମୃତି ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣରେ ଏହି ମହାବିଦ୍ୟାଳୟ ଇତିହାସ ବାବଦରେ କହିବା ସହ ଏହି ଅନୁଷ୍ଠାନ କିଭଳି ଛଅ ବର୍ଷ ମଧ୍ୟରେ ଉତ୍ତର ଓଡିଶାରେ ସବୁ ଦୃଷ୍ଟିରେ ଆଗୁଆ ତାହା ସୂଚନାଥିଲେ। ଏହି ଉତ୍ସବରେ ଟ୍ରଷ୍ଟ ସଭ୍ୟ ମନୁ ସାର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟ ଉପାଧକ୍ଷ ନିକୁଞ୍ଜ ମହାନ୍ତି ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ନୈତିକ ଓ ସାମାଜିକ କର୍ତ୍ତବ୍ୟ କିଭଳି ସମନ୍ତରାଳ ହୋଇ ସମାଜ ଗଠନ ଓ ସେବାର ଭିତ୍ତିଭୂମିକୁ ମଜଭୁତ କରିପାରିବେ ଆଲୋଚନା ଜରିଥିଲେ। ଅନୁଷ୍ଠାନ ମ୍ୟାନେଜର ତପନ ମହାନ୍ତି ଉଦବୋଧନ ଦେଇଥିଲେ। ମହାବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଫଳକ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅନୁଷ୍ଠାନର ଏକ ନିରବ ଓ ନିରବଚ୍ଛିନ୍ନ ସେବା ପାଇଁ ଆରତୀ ମହାପାତ୍ରଙ୍କୁ ଅନୁଷ୍ଠାନର ଚେୟାରମ୍ୟାନ ସମ୍ମାନିତ କରିଥିଲେ। ମହାବିଦ୍ୟାଳୟ ଶିକ୍ଷୟତ୍ରୀ ମାନେ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଦିବସ ବ୍ୟାପି କରି ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ସମସ୍ତ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ ସଂଗୀତା ସାହୁ, ମୋନାଲିସା ନାୟକ, ପୂଜା ସେନାପତି, ସୁତଶ୍ରୀ ପୈରା, ବନଜ୍ୟୋସ୍ନା, ମହାପାତ୍ର, ଅନ୍ୱେଷା ଦାସ, ଦୀପାଞ୍ଜଳୀ ସାମନ୍ତ, ଡ. ନିମିଶା ସିଂ, ଆକାଂକ୍ଷା ପାଣିଗ୍ରାହୀ, ଶୁଭ୍ରା ଦାସ ଆଦି ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଏସ୍ ସି ନର୍ସିଙ୍ଗ, ତୃତୀୟ ବର୍ଷ ଛାତ୍ରଛାତ୍ରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିବାରୁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା।

## ମଣିର ହାତ ଧରିଲେ ବାଇମୁଣ୍ଡି



### ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ସମ୍ପନ୍ନ

**ବାଲେଶ୍ୱର,୧୨।୫ (ସମିସ):** ବୈଦିକ ରୀତିନୀତି ଅନୁସାରେ ରଶ୍ମି କଲ୍ୟାଣ ମଣ୍ଡପରେ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସହର ମଧ୍ୟସ୍ଥ ଖ୍ରୀଷ୍ଟିଆନ ହାଇସ୍କୁଲ ପଡ଼ିଆରୁ ଆଜି ଏକ ବିଶାଳ ପଟୁଆରରେ ସମ୍ପର୍କଯାତ୍ରା ବର ବାଇମୁଣ୍ଡିକୁ ନେଇ ବରଯାତ୍ରୀ ଦଳ ସହରର ପ୍ରମୁଖ ଅଞ୍ଚଳ ଦେଇ ଯାଇଥିଲେ। ଙ୍ଗଢୋଲ, ପିତୁଳି ନାଚ, ଶନ୍ତାଳୀ ନାଚ, ଦୁଲଦୁଲି ଓ ସାହିଯାତ ସହ ବାଣ ରୋଷଣୀରେ ବାଲେଶ୍ୱର ଆକାଶ କମ୍ପି ଉଠିଥିଲା ଓ ସମଗ୍ର ସହର। ପଣ୍ଡିତ ବିମଳ ପଣ୍ଡା ଓ ବାଲେଶ୍ୱର ବାରିକ ସଂଘର ସଭାପତି ଅରବିନ୍ଦ ବାରିକ ଓ ବିମଳ ବାରିକ ବିବାହ ସମ୍ପନ୍ନ କରିଥିଲେ। ବରକର୍ତ୍ତା ଭାବରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ଡିନ ପ୍ରଫେସର ଡ. ବିନୟ କୁମାର ଦାସ ଓ ପ୍ରାଧାପିକା ଉର୍ମିଳା ଦାସ ତାଙ୍କ ସୁପୁତ୍ର ବାଇମୁଣ୍ଡି ଦାସର ଶୁଭ ବିବାହ ଆଇଟିଆରର ସହ ନିର୍ଦ୍ଦେଶକ ଡ଼ଃ ନୀଳାଦ୍ରି ରାୟ ଓ ପ୍ରାଧାପିକା ଡ଼ଃ ମୌସୁମୀ ଦାସ ପଟ୍ଟନାୟକଙ୍କ କନ୍ୟା ମଣି ସହ କରିଥିଲେ। ଯୌତୁକ ଭାବରେ କଟକ ସହରରେ ବାଇମୁଣ୍ଡିର ଏକ ପୂର୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରାଯିବାର ସମ୍ପୂର୍ଣ୍ଣ ପ୍ରୟାସ କରାଯିବ ବୋଲି କନ୍ୟା କର୍ତ୍ତା ଆଇଟିଆର ସହ ନିର୍ଦ୍ଦେଶକ ଡ଼ଃ ନୀଳାଦ୍ରି ରାୟ ଓ ବରକର୍ତ୍ତା ଫକୀରମୋହନ ବିଶ୍ୱବିଦ୍ୟାଳୟର ଆଇନ ବିଭାଗ ମୁଖ୍ୟ ପ୍ରଫେସର ଡ଼ଃ ବିନୟ ଦାସ କହିଥିଲେ। ଖ୍ରୀଷ୍ଟିଆନ ପଡ଼ିଆରେ ଆୟୋଜିତ ଅଧିବେଶନ ଉତ୍ସବ କମିଟି ଉପସଭାପତି ଅଞ୍ଜଳି ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜଳେଶ୍ୱରର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଆଇ ଟି ଆରର ସହ ନିର୍ଦ୍ଦେଶିକା ଶ୍ରାବଣୀ ଘୋଷ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ପୌରାଞ୍ଚଳ ଅଧକ୍ଷ ଯୋଗ ଦେଇଥିଲେ। ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ବାହାଘର କମିଟି ସଦସ୍ୟା ରଚନା ସେନ କରିଥିବା ବେଳେ ଅଳକା ଘୋଷ ପ୍ରାକକଥା ଓ ଧରିତ୍ରୀ ମହାପାତ୍ର ଶେଷକଥା ରଖିଥିଲେ। ହଜାର ହଜାର ଲୋକେ ଆଜି ଏହି ବାହାଘର ଉତ୍ସବରେ ଯୋଗଦେବା ସହ ଖ୍ରୀଷ୍ଟିଆନ ପଡ଼ିଆରେ ଲାଗିଥିବା ବିଶାଳ କଣ୍ଢେଇ ମେଳା ବୁଲି ଦେଖିଥିଲେ।

## ୪୦ ଫୁଟ କୂଅରୁ ଉଦ୍ଧାର ହେଲେ ବୃଦ୍ଧା



ତୁରୁମୁଙ୍ଗା,୧୩।୫(ସମିସ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ବୁଢ଼ୀକାପୁଡ଼ି ପଞ୍ଚାୟତ ନେଉଳିପଶି ଗ୍ରାମରେ ୪୦ ଫୁଟ କୂଅରେ ପଡ଼ିଯାଇଥିବା ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରିଛନ୍ତି ଅଗ୍ନିଶମ ବାହିନୀ କର୍ମଚାରୀ। ଉଦ୍ଧାର ହୋଇଥିବା ବୃଦ୍ଧା ଜଣଙ୍କ ହେଲେ ଗ୍ରାମର ଦ୍ରୌପଦୀ ମହାନ୍ତ। ସୋମବାର ରାତିରେ ବୃଦ୍ଧା ଜଣଙ୍କ ଶୌଚ ହେବାକୁ ଯାଇଥିବା ସମୟରେ ବାଡ଼ିରେ ଥିବା ପଥର କୂଅ ଭିତରେ ଅସାବଧାନତା ଯୋଗୁଁ ପଡ଼ିଯାଇଥିଲେ। ଚିତ୍କାର ଶୁଣି ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ପାଟଣା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ପାଟଣା ଅଗ୍ନିଶମ ବାହିନୀ ଅଧିକାରୀ ଗୌରମୋହନ ହେମ୍ବ୍ରମ, ସରୋଜ କୁମାର ସିଂହ, ତରୁଣ କୁମାର ନାଏକ, ଶିବ କୁମାର ବେହେରା, ବନମାଳୀ ସାମଲ, ବିନାୟକ ବେହେରା ପ୍ରମୁଖ ପହଞ୍ଚି ଦୀର୍ଘ ସମୟ ଧରି ଉଦ୍ଧାର କାର୍ଯ୍ୟ ଚଳାଇ ବୃଦ୍ଧାଙ୍କୁ ସୁରକ୍ଷିତ ଭାବରେ କୂଅ ଭିତରୁ ଉଦ୍ଧାର କରିଥିଲେ।

## ବାଇକ୍ ଧକ୍କାରେ ଅଜା ମୃତ, ନାତି ଗୁରୁତର

ତୁରୁମୁଙ୍ଗ.୧୨।୫(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଚିତ୍ରପଶି ବିଲା ରାସ୍ତାର ହରିଚନ୍ଦନପୁର ନିକଟରେ ଦୁଇ ବାଇକ୍ ଧକ୍କା ହେବା ଫଳରେ ବାଇକ୍‌ରେ ଥିବା ଅଜା ନାତି ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ଉଭୟଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କାରଯାଇଥିଲା। ସେଠାରେ ଅଜାଙ୍କ ଚିକିତ୍ସାଧୀନ ଅବସ୍ଥାରେ ଅଜାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସାନନଇ ଗ୍ରାମର ନିତ୍ୟାନନ୍ଦ ମହାନ୍ତ (୭୩) ଏବଂ ଗୁରୁତର ନାତି ହେଲେ ହରିଚନ୍ଦନପୁର ଗ୍ରାମ ରଲିଙ୍କୁନ ମହାନ୍ତ। ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ନିତ୍ୟାନନ୍ଦଙ୍କ ଦେହ ଅସୁସ୍ଥ ଥିବାରୁ ଝିଅ ଘରକୁ ଆସି ନାତି ସହ ବାଇକ୍ ଯୋଗେ କରଞ୍ଜିଆ ମେଡିକାଲକୁ ଚିକିତ୍ସା ପାଇଁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ତୁରୁମୁଙ୍ଗା ଥାନା ଏଏସ୍‌ଆଇ ଦେବେନ୍ଦ୍ର ମୁର୍ମୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ତୁରୁମୁଙ୍ଗା ଥାନାରେ ୧୨୫/୨୬ ଏକ ମାମଲା ରୁଜୁ ହୋଇଛି।

## ଦୀପପାଳରେ ପିକ୍‌ଅପ୍ ଓଲଟି ୩ ଶ୍ରମିକ ଗୁରୁତର





ଆନନ୍ଦପୁର,୧୨।୫(ସମିସ): ଶ୍ରମିକଙ୍କୁ ନେଇ ଯାଉଥିବା ଏକ ପିକ୍‌ଅପ୍ ଓଲଟିପଡ଼ିବାରୁ ସେଥିରେ ଥିବା ଶ୍ରମିକଙ୍କ ମଧ୍ୟରୁ ୩ଜଣ ଗୁରୁତର ହୋଇଛନ୍ତି। ଆନନ୍ଦପୁର ଉପଖଣ୍ଡ ଘଷିପୁରା ଥାନା ଦେଓଗାଁ-ଦୀପପାଳ ରାସ୍ତାରେ ଘଟିଛି ଏଭଳି ଏକ ଦୁର୍ଘଟଣା। ପିକଅପ୍‌ରେ ମୋଟ ୧୦ଜଣ ଶ୍ରମିକ ଆଜି ଏକ ଠିକା ସଂସ୍ଥାର ରାସ୍ତାକାମ ସାରି ଠିକାଦାରଙ୍କ କ୍ୟାମ୍ପକୁ ଯାଉଥିବା ସମୟରେ ହଠାତ୍ ନିୟନ୍ତ୍ରଣ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଫଳରେ ଶାଳବଣୀ ଗାଁ'ର ଶ୍ରମିକ କାଣ୍ଡେଇ ମୁଣ୍ଡା, ମାଧ ମୁଣ୍ଡା ଓ ଭଦ୍ରକ ଜିଲ୍ଲା ବନ୍ତ ଥାନା ତରାପୁର ଗାଁର ସୁରେଶ ପଲେଇ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତ ଓ ଗୁରୁତରଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ କାଣ୍ଡେଇ ମୁଣ୍ଡାଙ୍କ ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର ରହିଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଆନନ୍ଦପୁର ନଗର କଂଗ୍ରେସ କମିଟି ଗଠିତ



ଆନନ୍ଦପୁର,୧୨।୫(ସମିସ): ଆନନ୍ଦପୁର ନଗର କଂଗ୍ରେସ କମିଟି ଘୋଷଣା ହୋଇଛି। ଜିଲ୍ଲା ସଭାପତି ଇଂ. ମନୋଜ କୁମାର ଜେନାଙ୍କ ଅନୁମୋଦନ ପରେ କମିଟି ସଦସ୍ୟଙ୍କ ନାମ ଏକ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ସଭାପତିଭାବେ ବରିଷ୍ଠନେତା ହାଡ଼ିବନ୍ଧୁ ଖୁଣ୍ଟିଆ ରହିଛନ୍ତି। ସେହିପରି ଉପସଭାପତି ଭାବେ ବୁଦ୍ଧଦେବ ସାହୁ, ଆଶୁତୋଷ ପୁହାଣ, ନବଘନ ସାହୁ, ପର୍ଶୁରାମ କୁଣ୍ଡୁ, ଅନନ୍ତ ଚରଣ ବେହେରା, ସାଧାରଣ ସମ୍ପାଦକଭାବେ ବୁଦ୍ଧଦେବ ମଲିକ୍, କୋଷାଧ୍ୟକ୍ଷ ପ୍ରାଣବଲ୍ଲଭ ରାମ୍, ସମ୍ପାଦକଭାବେ ଶଙ୍କର୍ଷଣ ସାହୁ, ସିପୁନ୍ ଦାସ, ବାବୁଲି ମଲିକ୍, ଦିଲ୍ଲୀପ୍ କୁମାର ରାମ୍, ପରମେଶ୍ୱର ରାମ୍, ବାପୁନ୍ ଜେନା, ମନ୍ମଥ ଜେନା, ଦୀପକ କୁମାର ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟଭାବେ ଅମର କୁମାର ମହାପାତ୍ର, ସୁରଥ ବେହେରା, ପପୁ ପଟ୍ଟନାୟକ, ବିଜୁ ଜେନା, ଅଜୟ ଘୋଷ, ମହେନ୍ଦ୍ର ରାମ୍, ଜିତେନ୍ଦ୍ର ବେହେରା ପ୍ରମୁଖ ରହିଛନ୍ତି। କମିଟିର ସ୍ଥାୟୀ ସଦସ୍ୟଭାବେ ପୁର୍ବତନ ମନ୍ତ୍ରୀ ଜୟଦେବ ଜେନା, ମନୋରଞ୍ଜନ ପଟ୍ଟନାୟକ, ଅକ୍ଷୟ କୁମାର ଦାସ, ଅମରସିଂହ ମହାନ୍ତି, ଶ୍ରୀଧର ଦଳେଇ, ନିକୁଞ୍ଜ ବିହାରୀ ମିଶ୍ର, ଅକ୍ଷୟ କୁମାର ମହାନ୍ତି, ନିରଞ୍ଜନ ମିଶ୍ର, ନିତ୍ୟାନନ୍ଦ ସାମଲ, ଜୟନ୍ତ ସାହୁ, ହାଡ଼ିବନ୍ଧୁ ସାହୁ, ମଦନମୋହନ ଦାସ, ପୁରନ୍ଦର ମିଶ୍ର, ଅଭିମନ୍ୟୁ ରଣା, ଦାମୋଦର ଧଡ଼ା, ପ୍ରଶାନ୍ତ କୁମାର ଜେନା, କୀର୍ତ୍ତନ ବେଜ, ଅନନ୍ତ ଚରଣ ସାହୁ ରହିଥିବାନେଇ ନଗର ସଭାପତି ଜଣାଇଛନ୍ତି।

### ମହିଳା ସଂରକ୍ଷଣ ବିଲ୍ ଲାଗୁ, କାଳ ବୈଶାଖୀ କ୍ଷତିଗ୍ରସ୍ତଙ୍କୁ ସହାୟତା ଦାବି

# ମହିଳା ବିଜେଡିର ବିଶାଳ ରାଲି; କୁଶପୁତ୍ତଳିକା ଦାହ





ତୁରୁମୁଙ୍ଗା,୧୨।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟରେ ମଙ୍ଗଳବାର ପାଟଣା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ମହିଳା ଜନତା ଦଳର ନାରୀ ଅଧିକାର ଅଭିଯାନ ଶୋଭାଯାତ୍ରା, ବିକ୍ଷୋଭ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ରାଜସ୍ୱ ଓ ଆଇନ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏ ନେଇ ଆନନ୍ଦେଶ୍ୱର ମନ୍ଦିରଠାରୁ ଏକ ବିରାଟ ରାଲିରେ ହଜାର ହଜାର ମହିଳା ଓ ବିଜେଡି କର୍ମୀ ବାହାରି ସରକାର ବିରୋଧୀ ସ୍ଲୋଗାନ ଦେଇ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ଶୋଭାଯାତ୍ରା ବଜାର ପରିକ୍ରମା କରିବା ପରେ ତହସିଲ ସମ୍ମୁଖରେ ପାଟଣା ବ୍ଲକ୍‌ର ୮ଟି ପଞ୍ଚାୟତରେ ଗତ ଏପ୍ରିଲ ମାସରେ ହୋଇଥିବା କାଳବୈଶାଖୀ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦାବି କରିଥିଲେ। ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରି ତହସିଲ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହା ପରେ ବ୍ଲକ୍ ସମ୍ମୁଖରେ ଆୟୋଜିତ ବିକ୍ଷୋଭ ସମାବେଶରେ ବିଜେଡି ନେତ୍ରୀମାନେ କେନ୍ଦ୍ର ଓ ରାଜ୍ୟ ସରକାର ବିରୋଧରେ ବର୍ଷିବା ସହ ୨୦୨୩ରେ ପାରିତ ୩୩ ପ୍ରତିଶତ ମହିଳା ସଂରକ୍ଷଣକୁ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ଲାଗୁ କରିବାକୁ ଦାବି କରିଥିଲେ। ରାଜ୍ୟରେ ନାରୀକୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ ବୋଲି କହିଥିଲେ। ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ କୁଶପୁତ୍ତଳିକା ଦାହକରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପାଟଣା ବିଡିଓ ମାନସ ରଞ୍ଜନ ଦଣ୍ଡପାଟଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ପୂର୍ବତନ କେନ୍ଦୁଝର ପୌରାଧ୍ୟକ୍ଷା ମୀନା ମାଝୀ, ବରିଷ୍ଠ ବିଜେଡି ନେତା ସତ୍ୟବ୍ରତ ନାଏକ, ପାଟଣା ବ୍ଲକ୍ ବିଜେଡି ସଭାପତି ମାଧବା ନନ୍ଦ ପୃଷ୍ଟି, ସାହାର ପଡ଼ା ବ୍ଲକ୍ ବିଜେଡି ସଭାପତି ଦିଲ୍ଲୀପ କୁମାର ସାହୁ, ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ସୌଭାଗ୍ୟ ମଞ୍ଜରୀ ନାୟକ, ଚମ୍ପାବତୀ ଟୁଡୁ, ବୁଦ୍ଧଦେବ ମହାକୁଡ଼ ରାଧାକାନ୍ତ ନାଏକ, ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ, ପୂର୍ବତନ ସାହାରପଡ଼ା ବ୍ଲକ ଅଧ୍ୟକ୍ଷା ପାର୍ବତୀ ଦେହୁରୀ, ଜିଲ୍ଲା ବିଜେଡି ଉପସଭାପତି ଆଇନଜୀବୀ ରାହାସବିହାରୀ ପୃଷ୍ଟି, ବଶିଷ୍ଠ ନେତା ଅଜୟ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ମହାପାତ୍ର, ମହିଳା ନେତ୍ରୀ ଧରିତ୍ରୀ ମହାନ୍ତ, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ଭଞ୍ଜ, ନିରଞ୍ଜନ ତ୍ରିପାଠୀ, ଶତ୍ରୁଘ୍ନ ସିଂ, ମହେନ୍ଦ୍ର ସାହୁ ସନ୍ତୋଷ ତ୍ରିପାଠୀ, ସୁମିତ କୁମାର ପତି, ଶ୍ରୀତମ ପଣ୍ଡାଙ୍କ ସହ ହଜାର ହଜାର ବିଜେଡି କର୍ମୀ ସାମିଲ ଥିଲେ।

## ପ୍ରଜାପିତା ବ୍ରହ୍ମାକୁମାରୀ ପକ୍ଷରୁ ସମର କ୍ୟାମ୍ପ



ଯୋଡ଼ା,୧୨।୫(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଦ୍ୱାରା ଆୟୋଜିତ 'ଡିଭାଇନ୍ ଭର୍ଚୁସ୍ ସମର କ୍ୟାମ୍ପ'ର ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସେବା ଗ୍ରୁପ୍‌ର ସମ୍ପାଦକ ବିନୋଦ ଭାଉ ସିଂକାଜୀ ଏବଂ ଅଞ୍ଚଳର ଜଣାଶୁଣା ଡାକ୍ତର ଚନ୍ଦନ ବାରିକ ଜୀ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଜୟନ୍ତୀ ଭଉଣୀଙ୍କ ତତ୍ତ୍ୱାବଧାନରେ ଏବଂ ଆଶ୍ରମର ଅନ୍ୟ ଭାଇ ଓ ଭଉଣୀ ସହଯୋଗ କରିଥିଲେ। ଏହି ଶିବିରରେ ଏକାଗ୍ରତା ବୃଦ୍ଧି ପାଇଁ ପିଲାମାନଙ୍କୁ ରାଜଯୋଗ ମେଡିଟେସନ୍ ଶିକ୍ଷା ଦିଆଯାଉଛି। ମାନସିକ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା ପାଇଁ ସକାରାତ୍ମକ ଚିନ୍ତାଧାରାର ଗୁରୁତ୍ୱ ବୁଝାଯାଉଛି। ସାମାଜିକ ଦାୟିତ୍ୱବୋଧ ଓ ସ୍ୱଚ୍ଛତା, ପରିବେଶ ସୁରକ୍ଷା ପାଇଁ ବାଟରେ କେଉଁଠି ହେଲେ ଅଳିଆ ନ ଫିଙ୍ଗିବା, ଛେପ ନ ପକାଇବା ଏବଂ କେବଳ ଡଷ୍ଟବିନ୍ ବ୍ୟବହାର କରିବା ପାଇଁ ଶପଥ କରାଯାଇଛି। ବୃଦ୍ଧ, ଅସହାୟ ଏବଂ ଭିନ୍ନକ୍ଷମଙ୍କୁ ସାହାଯ୍ୟ କରିବା ସହ ମହିଳାଙ୍କୁ ସମ୍ମାନ ଦେବା ପାଇଁ ଶିକ୍ଷା ଦିଆଯାଉଛି। ପ୍ରତିଟି କାର୍ଯ୍ୟରେ ଧୈର୍ଯ୍ୟ ରଖିବା ଏବଂ ଧାଡ଼ିରେ ରହି ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବା ଶିଖାଯାଉଛି। ସଂସ୍କାର ଓ ନୈତିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ସେହିପରି ପିତାମାତାଙ୍କୁ ପ୍ରଣାମ କରିବା ଏବଂ ମୋବାଇଲ୍ ଠାରୁ ଦୂରେଇ ରହିବା ପାଇଁ ପିଲାଙ୍କୁ ପ୍ରୋତ୍ସାହିତ କରାଯାଉଛି। କ୍ରୋଧ, ମିଛ ଏବଂ ଅଭିମାନ ଭଳି ଖରାପ ଅଭ୍ୟାସ ତ୍ୟାଗ କରିବାକୁ ଶିକ୍ଷା ଦିଆଯାଇଛି। ମନୋରଞ୍ଜନ ଓ ପ୍ରତିଯୋଗିତା, ଦେଶପ୍ରେମ, ଭକ୍ତି ଏବଂ ନୈତିକତା ଉପରେ ଆଧାରିତ ବିଭିନ୍ନ ଗପ, ସଙ୍ଗୀତ, ଖେଳକୁଦ ଏବଂ ପ୍ରତିଯୋଗିତା ମାଧ୍ୟମରେ ପିଲାଙ୍କ ପ୍ରତିଭାକୁ ଲୋକଲୋଚନକୁ ଅଣାଯାଉଛି।

## କାଳବୈଶାଖୀରେ ଭାଙ୍ଗିଲା ଘର

### ସରକାରୀ ସହାୟତା ଅପେକ୍ଷାରେ ଡାଳିମ୍ବ

କେନ୍ଦୁଝର,୧୨।୫(ସମିସ): କାଳବୈଶାଖୀ ପ୍ରଭାବରେ କେନ୍ଦୁଝର ସଦର ବ୍ଲକ ରଘୁନାଥପୁର ପଞ୍ଚାୟତ କାଣିପୋସି ଗ୍ରାମର ଡାଳିମ୍ବ ମହାନ୍ତଙ୍କ ଗୁହାଳ ଘର ଏହି ପ୍ରାକୃତିକ ବିପର୍ଯ୍ୟୟ ପରିବାରର ମେରୁଦଣ୍ଡ ଭାଙ୍ଗି ଦେଇଛି। ଏହି ଗରିବ ପରିବାରକୁ ଏପର୍ଯ୍ୟନ୍ତ ସରକାରଙ୍କ 'ସିଏମ କିସାନ' କିମ୍ବା 'ପିଏମ କିସାନ' ଭଳି



ଭାଙ୍ଗି ଚୁରମାର୍ ହୋଇଯାଇଛି। ସ୍ୱାମୀ ହୃଦ୍‌ଘାତରେ ମୃତ୍ୟୁ ବରଣ କରିଥିବାବେଳେ ଡାଳିମ୍ବ ୨୦ ବର୍ଷର ପୁଅ କୈଳାସଙ୍କ ସହ ଅତି କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। ପୁଅ ଜଣେ ଦିନ ମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ କୌଣସି ଯୋଜନାର ସୁଫଳ ମିଳିପାରି ନାହିଁ। ବାସହୀନ ଓ ସମ୍ବଳହୀନ ଅବସ୍ଥାରେ ଥିବା ଏହି ପରିବାରକୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବା ସହ ସମସ୍ତ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ପ୍ରକୃତିପ୍ରେମରେ ପରିବେଶ ଯୋଦ୍ଧା ବିଶ୍ୱରଞ୍ଜନ



ହାଟଡିହୀ,୧୨।୫(ସମିସ): ପିଲାଟି ଦିନରୁ ପ୍ରକୃତିକୁ ଭଲ ପାଇବା ଓ ସମର୍ପିତ ଭାବେ ଗଛ ଲଗାଇ ନିଜର ନିଆରା ପରିଚୟ ସୃଷ୍ଟି କରିଛନ୍ତି କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ୍ ପଡ଼ିଆରିପଲ୍ଲୀ ପଞ୍ଚାୟତ କୁରାଢ଼ିଘସା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱରଞ୍ଜନ ବେହେରା। ବୃତ୍ତିରେ ଶିକ୍ଷକ ଥିଲେ ମଧ୍ୟ ପ୍ରବୃତ୍ତିରେ ପରିବେଶ ସୁରକ୍ଷା ଓ ସମାଜ ସେବାକୁ ନିଜ ବ୍ରତ ଭାବେ ଗ୍ରହଣ କରି ନେଇଛନ୍ତି। ବିଦ୍ୟାଳୟରେ ପାଠପଢ଼ା ପରେ ବିଦ୍ୟାଳୟ ପରିସର ଓ ବାହାର ରାସ୍ତାକଡ଼ରେ ବିଭିନ୍ନ ଫୁଲ, ଫଳ ଗଛ ଲଗାଇବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି ପରିବେଶ ସୁରକ୍ଷାର ବାର୍ତ୍ତା ବାଣ୍ଟିଥାନ୍ତି। ବିଦ୍ୟାଳୟରେ ବର୍ଣ୍ଣମାଳା ଉଦ୍ୟାନ ଆରମ୍ଭ କରି ଅ-ରେ ଅର୍ଜୁନ, ଅଶୋକ, ଅମୃତଭଣ୍ଡା, ଆ-ରେ ଆମ୍ବ, ଆତ, ଆକାଶି ଏହି ଭଳି ପ୍ରାଥମିକ ସ୍ତରରେ ପିଲାମାନେ ବର୍ଣ୍ଣମାଳା ସହିତ ବିଭିନ୍ନ ବୃକ୍ଷ ସହ ଔଷଧୀୟ ଗୁଣ ଓ ତାର ଉପକାରିତା ଜାଣିବା ସହିତ ପ୍ଲାଷ୍ଟିକ ମୁକ୍ତ ବିଦ୍ୟାଳୟ ଓ ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର ନକରି କପଡ଼ା ବ୍ୟାଗ ବ୍ୟବହାର କରିବା, ବିଦ୍ୟାଳୟ ଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥାରେ 'ପ୍ରୋଜେକ୍ଟ ୱାର୍କ' ମାଧ୍ୟମରେ ବୃକ୍ଷ ରୋପଣ ବାଧ୍ୟତାମୂଳକ କାର୍ଯ୍ୟକାରି କରାଗଲେ ପିଲାଦିନରୁ ପରିବେଶ ପ୍ରତି ଦାୟିତ୍ୱ ଓ ସଚେତନତା ବୃଦ୍ଧି ପାଇବ ବୋଲି ଶ୍ରୀ ବେହେରା କହିଛନ୍ତି। 'ଗ୍ରୀନ୍ ଓଡ଼ିଶା' ନାମକ ସମାଜିକ ସଂଗଠନ ପ୍ରତିଷ୍ଠା କରି ସରକାରଙ୍କ ଠାରୁ ପଞ୍ଜିକୃତ କରି ସ୍ୱେଚ୍ଛାସେବୀଙ୍କ ଦ୍ୱାରା ବିଭିନ୍ନ ବିଦ୍ୟାଳୟରେ ଆୟୋଜିତ ବନମହୋତ୍ସବରେ ସାମିଲ୍ ହୋଇ ପ୍ରକୃତି ସଂରକ୍ଷଣ ଉପରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦିଆଗଲେ ସେମାନେ ଆଗାମୀ ଦିନରେ ପୃଥିବୀକୁ ଏକ ବଡ଼ ବିପଦରୁ ରକ୍ଷା କରିପାରିବେ ବୋଲି କହିଥିଲେ। ୨୦୧୯ରେ ତାଙ୍କୁ 'ପ୍ରକୃତି ବନ୍ଧୁ' ସମ୍ମାନରେ ଜିଲ୍ଲାପାଳ ସମ୍ମାନିତ କରିଛନ୍ତି। ସେ ବ୍ୟକ୍ତିଗତ ଭାବେ ନିଜ ବାଡି ବଗିଚାରେ ବିଭିନ୍ନ ଆମ୍ବ, ନଡ଼ିଆ, ସପେଟା, ପିଜୁଳି, ପଣସ, ଲେମ୍ବୁ, କଦଳୀ, ସପୁରୀ, ଲିଚୁ, ଜାମରୋଳ ଆଦି ଗଛ ଲଗାଇବା ସହ ବିଭିନ୍ନ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମରେ ଯୋଗଦାନ କରି ଅନ୍ୟମାନଙ୍କୁ ମଧ୍ୟ ଉତ୍ସାହିତ କରୁଛନ୍ତି। ସୁସ୍ଥ ପରିବେଶ ସୃଷ୍ଟି ପାଇଁ 'କେନ୍ଦୁଝର ବଞ୍ଚାଅ ମଞ୍ଚ' ନାମକ ସାମାଜିକ ସଂଗଠନ ଗଢ଼ି ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପରିବେଶ ସୁରକ୍ଷା ଓ ସାମାଜିକ ଆନ୍ଦୋଳନ ଜାରି ରଖିଛନ୍ତି।

# ସରିଲାଣି ନିଲାମ ଅବଧି; ବନ୍ଦ ହେଉନି ବାଲି ଚାଲାଣ





ଆନନ୍ଦପୁର,୧୨।୫(ସମିସ): କେନ୍ଦୁଝର ଜିଲ୍ଲା ବୈତରଣୀ ନଦୀରୁ ଏବେ ବେଆଇନ ବାଲି ଉତ୍ତୋଳନ ନେଇ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଦିନକୁ ଦିନ ନୂଆ ନୂଆ ତରିକା ଆପଣାଇ ବୈତରଣୀ ନଦୀରୁ ବାଲି ଚାଲାଣରେ ବ୍ୟବସାୟୀମାନେ ଲାଗିପଡ଼ିଛନ୍ତି। ଆନନ୍ଦପୁର ତହସିଲ ଇଲାକାର ପଞ୍ଚୁପଲି ଘାଟ ନିଲାମ ଅବଧି ଶେଷ ହୋଇଥିଲେ ମଧ୍ୟ ଉକ୍ତ ଅଞ୍ଚଳରୁ ବାଲି ଚାଲାଣ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଳମ୍ବିତ ରାତିରୁ ସକାଳ ଯାଏ ହେଉଛି ବାଲିବୋଝେଇ ଓ ଚାଲାଣ। ଗତକିଛି ଦିନ ଧରି ପୁଲିସ ପକ୍ଷରୁ ଚଢ଼ଉ ହେବାପରେ ବନ୍ଦ ଥିବା ଏହି କାରବାର ପୁଣି ଆରମ୍ଭ ହୋଇଛି। ସବୁଠାରୁ ଚିନ୍ତାର ବିଷୟ ଏହି ଯେ ପଞ୍ଚୁପଲ୍ଲୀ ନାଁରେ ଘାଟ ନିଲାମ ହୋଇଥିବାବେଳେ ଗୁହାଳିଆ ସୀମାରୁ ବାଲି ଖନନ କରାଯାଉଛି। ଯାହାକୁ ଅଞ୍ଚଳବାସୀ ବିରୋଧ କରି ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ବାଲି ଲୁଟ୍ କରିବା ପରେ ସେହି ସ୍ଥାନଗୁଡ଼ିକରେ ଖାଲ ସୃଷ୍ଟି ହେଉଛି। ଆନନ୍ଦପୁର ବ୍ୟାରେଜ ଡିଭିଜନ ବ୍ୟାରେଜରୁ ପାଣି ଛାଡ଼ିଦେଲେ ସେହି ଘାଟରେ କାରବାର କରୁଥିବା ଲୋକେ ଓ ଗୃହପାଳିତ ପଶୁ ମୃତ୍ୟୁ ମୁଖରେ ପଡୁଥିବାରୁ ଅସନ୍ତୋଷ କୁହୁଳିବାରେ ଲାଗିଛି। ସେହିପରି ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ବାଲି ବ୍ୟବସାୟୀମାନେ ଆନନ୍ଦପୁର ବ୍ୟାରେଜ ଡିଭିଜନ ସହିତ ସଲାସୂତର କରି ବ୍ୟାରେଜରୁ ପାଣି ଛାଡ଼ି ବାଲି ମାଫିଆଙ୍କୁ ପୂର୍ଣ୍ଣ ସହଯୋଗ କରୁଛି। ବାଲି ମାଫିଆ ଓ ବୈତରଣୀ ବ୍ୟାରେଜ ଡିଭିଜନର ଭିତିରି ବୁଝାମଣାରେ ଏଭଳି ଚାଲିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ଏହି ବେଆଇନ ବାଲି ଉତ୍ତୋଳନର ପରିଣାମ ଭୟଙ୍କର ହେବାର ଆଶଙ୍କା ପ୍ରକାଶ ପାଇଛି। ଏଥି ଯୋଗୁଁ ନଦୀର ପରିବେଶ ନଷ୍ଟ ହେବା ସହିତ ଜଳସ୍ତର କମିଯିବା, ପାଶ୍ୱର୍ବର୍ତ୍ତୀ ଗାଁ ରେ ବନ୍ୟା ଓ ଭୂସ୍ଖଳନର ବିପଦ ଭଳି ସମସ୍ୟା ଦେଖାଦେଇପାରେ ବୋଲି ମତପ୍ରକାଶ ପାଇଛି। ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ପ୍ରଶାସନ କେବେ ଏହା ଉପରେ କଠୋର ପଦକ୍ଷେପ ନେବ? ଏହାକୁ ନେଇ ଭୟଙ୍କର ସଙ୍କଟ ସୃଷ୍ଟି ହୋଇପାରେ ବୋଲି ପରିବେଶ ପ୍ରେମୀ ମତ ପ୍ରକାଶ କରିଛନ୍ତି।

## ଘଣା ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସର ବାର୍ଷିକ ଉତ୍ସବ

ତୁରୁମୁଙ୍ଗା,୧୨।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଖିରେଇଟାଙ୍ଗିରୀସ୍ଥିତ ଘଣା ଇନଷ୍ଟିଚ୍ୟୁଟ୍ ଅଫ ମେଡିକାଲ ସାଇନ୍ସ କଲେଜର ବାର୍ଷିକ ଉତ୍ସବ ଏବଂ ଅନ୍ତର୍ଜାତୀୟ ସେବିକା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ




ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡକ୍ଟର ଶିବ ଚରଣ ବାଗ୍, ସମ୍ମାନିତ ଅତିଥି ଭାବେ ଡାକ୍ତର ସମ୍ବିତ ପାଲ, ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ସମାଜସେବୀ ସାରଦା ପ୍ରସନ୍ନ ପତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତରଣୀସେନ ବାରିକ, ବାଙ୍କବିହାରୀ ମହାନ୍ତ ଯୋଗଦେଇ ଥିଲେ। ଏହି ଅବସରରେ ମେଡିକାଲ କଲେଜ ପରିସରରେ ଅନ୍ତର୍ଜାତୀୟ ସେବିକା ଦିବସ ପାଳନ କରାଯାଇଥିଲା। ଅତିଥିମାନେ ନର୍ସିଂ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଆଗକୁ ସ୍ୱାସ୍ଥ୍ୟକ୍ଷେତ୍ରରେ ଉତ୍ତମ ସେବା ପ୍ରଦାନ କରିବାକୁ କହିଥିଲେ। ବାର୍ଷିକ ଉତ୍ସବରେରେ ପୂର୍ବରୁ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ସହ ଟ୍ରଫି ପ୍ରଦାନ କରି ଉତ୍ସାହିତ କରିଥିଲେ। ନିଶିକାନ୍ତ ସ୍ୱାସ୍ଥ୍ୟସେବା ଫାଉଣ୍ଡେସନ୍‌ର ନିର୍ଦ୍ଦେଶିକା ବବିତା ବାରିକ, ଘଣା ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ସଞ୍ଜୀବ ଘଣା, ଇଂ. ଦୀପକ ମହାନ୍ତଙ୍କ ସହ କଲେଜର ଅଧ୍ୟାପିକାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

# ଚିଠା ପୂର୍ବରୁ ସିରିଞ୍ଜ ପ୍ରସ୍ତୁତ; ରୋଗୀଙ୍କ ଜୀବନ ପ୍ରତି ବିପଦ

ବେତନଟୀ, ୧୨।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ତର୍ବିଭାଗରେ ଡାକ୍ତର ଚିଠା ଲେଖାବା ପୂର୍ବରୁ ଇଞ୍ଜେକସନ ସିରିଞ୍ଜରେ ଲୋଡ କରି ଘଣ୍ଟା ଘଣ୍ଟା ରଖା ଯାଉଛି। ଯାହା ଫଳରେ ଅଧିକ ସମୟ ଧରି ଇଞ୍ଜେକସନ୍ ସିରିଞ୍ଜରେ ଲୋଡ୍ କରି ରଖାଯାଉଛି। ଫଳରେ ମାନ ହ୍ରାସହେବା ଯୋଗୁଁ ରୋଗୀଙ୍କ ଜୀବନ ସହିତ ଖେଳ ଖେଳାଯାଉଥିବା ଅଭିଯୋଗ ଉଠିଛି। ଏ ପ୍ରକାର କାମ ଯୋଗୁଁ ଭୁଲ୍ ଇଞ୍ଜେକସନ୍ ଦେବାର ଆଶଙ୍କା ସୃଷ୍ଟି ହେଉଛି ବୋଲି ରୋଗୀ ଓ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ବେତନଟୀ ଡାକ୍ତରଖାନାର ଅନ୍ତର୍ବିଭାଗରେ ନିୟୋଜିତ ସେବିକା ଡାକ୍ତରଙ୍କ ଚିଠା ଅନୁଯାୟୀ ଇଞ୍ଜେକସନ୍ ଦେବା ପରିବର୍ତ୍ତେ ପୂର୍ବରୁ କେତେକ ସିରିଞ୍ଜରେ ଇଞ୍ଜେକସନ୍ ଲୋଡ୍ କରି ରଖୁଥିବା ଦେଖିବାକୁ ମିଳୁଛି। ପ୍ରାୟ ୪ରୁ ୫ ପ୍ରକାରର ଇଞ୍ଜେକସନ୍ ପ୍ରସ୍ତୁତ କରି ରଖାଯାଉଥିବା ଦେଖାଯାଇଛି। ଅଧିକାଂଶ ଇଞ୍ଜେକସନର ରଙ୍ଗ ସମାନ ହୋଇଥିବାରୁ ଭୁଲ୍ ହେବାର ଆଶଙ୍କା ରହିଛି। ସିରିଞ୍ଜରେ ଲୋଡ୍ ହେବା ପରେ କେଉଁ ଔଷଧ ସେହି ସିରିଞ୍ଜରେ ରହିଛି, ତାହା ସ୍ପଷ୍ଟ ଭାବେ ଜଣାପଡ଼େନାହିଁ। କେବଳ ଖୋଳ ଓ ବୋତଲର ଲେବଲ୍ ଉପରେ ନିର୍ଭର




କରାଯାଉଛି। ଯଦି ଭୁଲ୍ ବଶତଃ ସିରିଞ୍ଜ ମିଶିଯାଏ, ତେବେ ରୋଗୀଙ୍କ ଜୀବନ ବିପଦରେ ପଡ଼ିପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଚିନ୍ତା ପ୍ରକାଶ କରିଛନ୍ତି।

ଏହାବ୍ୟତୀତ ଡାକ୍ତରଖାନାର ସୁଇପର ରୋଗୀଙ୍କ ସାଲାଇନ ଖୋଲିବା ଓ ଦେବା କାର୍ଯ୍ୟ କରୁଥିବା ଅଭିଯୋଗ ମଧ୍ୟ ଉଠିଛି। ରୋଗୀ ନ ଆସିଲେ ପୂର୍ବରୁ ଲୋଡ କରାଯାଇଥିବା ଇଞ୍ଜେକସନ ଫିଙ୍ଗି ଦିଆଯାଉଛି ବା ନଷ୍ଟ ହେଉଛି ବୋଲି କୁହାଯାଉଛି। ଏହି କାମ କେବଳ ସମୟ ସଞ୍ଚୟ ପାଇଁ କରାଯାଉଥିବା କଥା କିଛି ଡାକ୍ତରଖାନା କର୍ମଚାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। କିଛିଦିନ ପୂର୍ବରୁ ଗୋଟିଏ ଘଟଣା ସମ୍ପର୍କରେ ରୋଗୀଙ୍କ ପରିବାର ଅଭିଯୋଗ କରିଛନ୍ତି। ଜଣେ ରୋଗୀ ଏସିଡିଟି ହୋଇଥିବା ଯୋଗୁଁ ଚିକିତ୍ସା ପାଇଁ ଆସିଥିଲେ। ଡାକ୍ତରଙ୍କ ଚିଠା ଅନୁଯାୟୀ ଇଞ୍ଜେକସନ ନେଇ ଘରକୁ ଫେରିଥିଲେ। ଘରେ ପହଞ୍ଚୁ ପହଞ୍ଚୁ ତାଙ୍କ ଅବସ୍ଥା ଅଧିକ ଖରାପ ହେବାରୁ ପୁଣି ସେ ଡାକ୍ତରଖାନା ଫେରି ଆସିଥିଲେ। ପୁନର୍ବାର ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ନିଜ ଉପସ୍ଥିତିରେ ଆଉଥରେ ତାଙ୍କୁ ଏସିଡିଟି ପାଇଁ ଇଞ୍ଜେକସନ ଦେଲେ ଓ ସେ ଆରୋଗ୍ୟ ଲାଭ କରିଥିଲେ। ଠିକ୍ ସେହିଭଳି ଜଣେ ରୋଗୀ ଚିକିତ୍ସା ପାଇଁ ଆସିଥିଲେ। ଡାକ୍ତର ତାଙ୍କୁ ଚିକିତ୍ସା କରି ପ୍ରେସ୍କ୍ରିପସନ କରି ଦେଲେ ଓ ସେ ସେବିକା କକ୍ଷକୁ ଯାଇ ଉକ୍ତ ପ୍ରେସ୍କ୍ରିପସନ ଦେଖାଇ ଥିଲେ। ସେଠାରେ ଉପସ୍ଥିତ ଥିବା ଜଣେ ହେଲଥ ୱାର୍କର ତାଙ୍କୁ ଇଞ୍ଜେକସନ ଦେବା ପାଇଁ ଗୋଟିଏ ଇଞ୍ଜେକସନ ବୋତଲ ନେଇ ଆସିଲେ ସିରିଞ୍ଜରେ ଲୋଡ କରିବା ସମୟରେ ରୋଗୀ ସହିତ ଆସିଥିବା ତାଙ୍କ ଘରଲୋକ ତାକୁ ବିରୋଧ କରିଥିଲେ ଓ କହିଥିଲେ ଏହା ଆମ ଓଷଧ ନୁହେଁ। ପୂର୍ବରୁ ଦିଆଯାଇଥିବା ଔଷଧ ବୋତଲ୍ ଆମେ ଚିହ୍ନଟ କରି ରଖିଛୁ। ତୁମେ ଭୁଲ ଇଞ୍ଜେକସନ ଦେଉଛ। ଆମେ ନେବୁ ନାହିଁ ବୋଲି ରୋଗୀ ପରିବାର ଅଭିଯୋଗ କରିଥିଲେ। ପରେ ସେବିକାଙ୍କ ହସ୍ତକ୍ଷେପରେ ଠିକ୍ ଔଷଧ ଦିଆଯାଇଥିଲା ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସିପୁନ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ସେମିତି ଔଷଧ ଲୋଡ କରି ରଖିବା କଥା ନୁହେଁ। ଏ ଭୁଲର ଆମେ ତଦନ୍ତ କରିବୁ। ଏପ୍ରକାର ଅନିୟମିତତା ସରଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ପାଇଁ ଗୁରୁତର ବିପଦ ସୃଷ୍ଟି କରୁଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ତଦନ୍ତ କରି ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ରୋଗୀଙ୍କ ପରିବାର ଓ ସ୍ଥାନୀୟ ବାସିନ୍ଦା। ସରକାରୀ ଡାକ୍ତରଖାନାରେ ମୌଳିକ ସେବା ନିଶ୍ଚିତ କରିବା ସହ ରୋଗୀ ସୁରକ୍ଷା ପାଇଁ କଡ଼ା ନିର୍ଦ୍ଦେଶ ଲାଗୁ କରିବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି।

● ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦାବିପତ୍ର

# ଟେଣ୍ଡର ପ୍ରକ୍ରିୟା ଓ ବିଦେଶୀ ମଦ ଦୋକାନ ବନ୍ଦ ଦାବି



ବାରିପଦା, ୧୨।୫(ସମିସ): ମଙ୍ଗଳବାର ନବ ନିର୍ମାଣ କୃଷକ ସଂଗଠନ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସରକାରୀ ବିଦେଶୀ ମଦ ଦୋକାନ ଟେଣ୍ଡର ପ୍ରକ୍ରିୟା ବନ୍ଦ ସହ ଦୋକାନ ଖୋଲିବାକୁ ବିରୋଧ କରି ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଦୁଃଖବନ୍ଧୁ ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ନିର୍ବାଚନ ପୂର୍ବରୁ ରାଜ୍ୟକୁ ମଦ ମୁକ୍ତ କରିବା ପ୍ରଚାର କରୁଥିଲେ। ଏବେ ମୟୂରଭଞ୍ଜ ଜିଲ୍ଲାରେ ମଦ ଦୋକାନ ନବୀକରଣ ସହିତ ପୁନଃ ଖୋଲିବା ଚିନ୍ତାର ବିଷୟ। ଜିଲ୍ଲାରେ କୁଟୀର ଶିଳ୍ପ ପ୍ରତିଷ୍ଠା ହେଉନାହିଁ, ଶୀତଳଭଣ୍ଡାର ନାହିଁ, ଚାଷୀ ଜମିକୁ ଜଳସେଚନ ନାହିଁ, ଗାଁ ଗାଁରେ ପିଇବା ପାଣି ନ ଥିବା ସମୟରେ ସରକାର ମଦ ଦୋକାନ ଖୋଲିବାକୁ ସଂଗଠନ ନିନ୍ଦା କରିଛି। ଜିଲ୍ଲା ସଭାପତି ପ୍ରାଣବନ୍ଧୁ ପଲେଇ ଜଣାଇଛନ୍ତି ଯେ, ଆଗାମୀ ଦିନରେ ମୟୂରଭଞ୍ଜ ଜିଲ୍ଲା ଓ ରାଜ୍ୟରେ ସମ୍ପୂର୍ଣ୍ଣ ମଦ ବନ୍ଦ ନ ହେଲେ ସଂଗଠନ ରାଜରାସ୍ତାକୁ ଓହ୍ଲାଇବ। ଜିଲ୍ଲା ନେତୃବୃନ୍ଦ ଚିନୁ ଦାଶ, ରାଇମଣି ବିଶ୍ୱାଳ, ସରସ୍ୱତୀ ସିଂ, ରାମସାଇ ହେମ୍ବ୍ରମ, ଶିବପ୍ରସାଦ ସେଠୀ, ପ୍ରଶାନ୍ତ କରଣ, ଜଗତ ଜୀବନ ସିଂ, ସାଲଖାନ ମୁର୍ମୁ, ଶ୍ରବଣ ଛାଟିଆ ଓ ଧିରେନ ସିଂ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

ତାସକେଣ୍ଟ ଆନ୍ତର୍ଜାତିକ ମହିଳା ରଗ୍‌ବୀ ଟୁର୍ଣ୍ଣାମେଣ୍ଟ ପାଇଁ ଭାରତୀୟ ଦଳ ଘୋଷିତ

# ଫ୍ୟୁଚର ଏକାଡ଼େମୀର ପାର୍ବତୀ ହାଁସଦା ଅଧିନାୟିକା

ବାରିପଦା, ୧୨।୫(ସମିସ): ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ପ୍ରତିଭାବାନ ରଗ୍‌ବୀ ଖେଳାଳି ପାର୍ବତୀ ହାଁସଦା ଭାରତୀୟ ମହିଳା ରଗବୀ ଦଳର ଅଧିନାୟିକା ଭାବେ ମନୋନୀତ ହୋଇଛନ୍ତି। ଆସନ୍ତା ୧୬ ଓ ୧୭ ତାରିଖରେ ଉଜବେକିସ୍ତାନର ତାସକେଣ୍ଟରେ ଅନୁଷ୍ଠିତ ହେବାକୁ ଥିବା ସେଣ୍ଟ୍ରାଲ ଆଣ୍ଡ ସାଉଥ ଏସିଆ ୭-ଏସ୍ ଆନ୍ତର୍ଜାତିକ ପ୍ରତିଯୋଗିତାରେ ସେ

■ ଆରତୀ ମୁର୍ମୁ, ଗୀତାରାଣୀ ସାଇ ଓ ରିତୁ ମାଝୀ ସାମିଲ




ଭାରତୀୟ ଦଳର ନେତୃତ୍ୱ ନେବେ। ପାର୍ବତୀଙ୍କ ଏହି ସଫଳତା କେବଳ ମୟୂରଭଞ୍ଜ ନୁହେଁ, ବରଂ ସମଗ୍ର ଓଡ଼ିଶା ପାଇଁ ଗର୍ବ ଆଣିଦେଇଛି। ବାରିପଦାସ୍ଥ ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀରୁ ତାଲିମପ୍ରାପ୍ତ ହୋଇ ଜାତୀୟ ଦଳର ଅଧିନାୟିକା ହେବାରେ ସେ ଏକାଡେମୀର ପ୍ରଥମ ଖେଳାଳି। ଆଗାମୀ ପ୍ରତିଯୋଗିତା ପାଇଁ ପଶ୍ଚିମବଙ୍ଗର କୋଲକାତାସ୍ଥ ନେତାଜୀ ସୁଭାଷ ଇଷ୍ଟର୍ଣ୍ଣ ସେଣ୍ଟରରେ ଚଳିତ ମାସ ୧ ତାରିଖରୁ ଚାଲିଥିବା ଜାତୀୟ ପ୍ରଶିକ୍ଷଣ ଶିବିରରେ ବର୍ତ୍ତମାନ ତାଲିମ ନେଉଛନ୍ତି।

ପାର୍ବତୀଙ୍କ ସମେତ ମୟୂରଭଞ୍ଜର ଆରତୀ ମୁର୍ମୁ, ଓଡ଼ିଶାର ଗୀତାରାଣୀ ସାଇ ଓ ରିତୁ ମାଝୀ ମଧ୍ୟ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ପାର୍ବତୀଙ୍କ ଏହି ଶିଖର ଛୁଇଁବା ଯାତ୍ରାରେ ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀର ମାର୍ଗଦର୍ଶନ ଏବଂ ସହଯୋଗ ପ୍ରଶଂସନୀୟ। ଜଣେ ଦକ୍ଷ ନେତୃତ୍ୱ ଭାବେ ସେ ଆଗାମୀ ସେଣ୍ଟ୍ରାଲ ଆଣ୍ଡ ସାଉଥ ଏସିଆ ୭-ଏସ୍ ପ୍ରତିଯୋଗିତାରେ ଭାରତ ପାଇଁ ସଫଳତା ଆଣିବେ ବୋଲି ସମସ୍ତେ ଆଶା ପ୍ରକାଶ କରିଛନ୍ତି। ସେହିପରି ଆରତୀ ମୁର୍ମୁ ମୟୂରଭଞ୍ଜ ଜିଲ୍ଲା ରଗବୀ ଫୁଟବଲ ଆସୋସିଏସନ, ଭୋଲାଗଡ଼ିଆ, ଖୁଣ୍ଟା ବ୍ଲକରେ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ସେ କୁଳିଆଣା ବ୍ଲକର ମାରାଙ୍ଗଟାଣ୍ଡି ଗ୍ରାମର ସୁରେଶ ଚନ୍ଦ୍ର ମୁର୍ମୁଙ୍କ କନ୍ୟା। ଆରତି ପୂର୍ବରୁ ଅନେକ ଜାତୀୟ ରଗବୀ ପ୍ରତିଯୋଗିତାରେ ଭାଗନେଇ ସଫଳତା ଆଣିଛନ୍ତି। ୨୦୨୨ରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଉଭୟଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭ କାମନା କରାଯାଉଛି।

# ବକେୟା ପାଉଣା ପାଇବାକୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଗୋରୁମହିଷାଣୀ, ୧୨।୫(ସମିସ): ନିଜର ଝାଳ ବୁହା ପରିଶ୍ରମର ବକେୟା ପାଉଣା ପାଇଁ ଗୋରୁମହିଷାଣୀ ଲୌହ ଖଣିର ଛଟେଇ ଶ୍ରମିକ ପୁଣିଥରେ ରାଇରଙ୍ଗପୁର ଉପଖଣ୍ଡରେ ଆୟୋଜିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଘନଶ୍ୟାମ ମିଶ୍ର ଏଣ୍ଡ ସନ୍ସ ପ୍ରାଇଭେଟ୍ ଲିମିଟେଡ ବିରୋଧରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ୨୦୨୩ରେ ଶ୍ରମିକମାନେ କ୍ରମାଗତ ଛଅଥର ଜନଶୁଣାଣି ଶିବିରକୁ ଆସି ବକେୟା ପାଉଣା ପାଇଁ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଶେଷରେ ଉକ୍ତ ବର୍ଷ ସେପ୍ଟେମ୍ବର ୨୫ ତାରିଖରେ ଉପଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ତତ୍କାଳୀନ ଉପଜିଲ୍ଲାପାଳଙ୍କ ସଭାପତିତ୍ୱରେ କମ୍ପାନୀ ମ୍ୟାନେଜମେଣ୍ଟ ଓ ଗୋରୁମହିଷାଣୀ ଲୌହ ଖଣି ଶ୍ରମିକ କ୍ରିୟାନୁଷ୍ଠାନ କମିଟି ମଧ୍ୟରେ ଆଲୋଚନା ହୋଇଥିଲା। କମ୍ପାନୀ ମାଲିକ ଶ୍ରୀ ଜଗଦୀଶ ମିଶ୍ର ଫୋନ୍ ମାଧ୍ୟମରେ ଉପଜିଲ୍ଲାପାଳଙ୍କୁ କହିଲେ ଯେ ମୁଁ ଯଥାଶୀଘ୍ର ଶ୍ରମିକଙ୍କ ବକେୟା ପାଉଣା ପ୍ରଦାନ କରିବି। ଯେଉଁ ଶ୍ରମିକ ମୃତ୍ୟୁବରଣ କରିଛନ୍ତି ତାଙ୍କର ପରିବାର ନାମ ଦେବେ ସେଗୁଡିକ ଆମେ ଅନୁଧ୍ୟାନ କରି ତାଙ୍କ ପ୍ରାପ୍ୟ ମଧ୍ୟ ପ୍ରଦାନ କରିବୁ। ଦୁଃଖର କଥା ପ୍ରତିଶ୍ରୁତିର ତିନିବର୍ଷ ବିତିଯାଇଥିଲେ ମଧ୍ୟ କମ୍ପାନୀ ଲୋକ କେହି ଧରାଛୁଆଁ ଦେଉନାହାନ୍ତି। ଖଣି ଆରମ୍ଭ ୧୯୭୨ରୁ ୨୦୦୫ ପର୍ଯ୍ୟନ୍ତ ହାରାହାରି ୩୨ ବର୍ଷ ପର୍ଯ୍ୟନ୍ତ



ଚାଲି ଚାଲି ପାହାଡ ଉପରକୁ ଯାଇ କାମ କରୁଥିବା ଶ୍ରମିକ ଗହ୍ମା ମହାକୁଡ କହିଛନ୍ତି, କମ୍ପାନୀ ଆମକୁ ଚକ୍ରାନ୍ତ କରି ବେଆଇନ ଭାବେ କାମରୁ ବାହାର କରି ଦେଲା। ଆମେ ମେସିନ୍ କାମକୁ ବିରୋଧ କରିଥିଲୁ। ଏପରି ଭାବେ ପାହାଡ ଉପରେ କାମ କରୁଥିବା ୪୦୦ରୁ ଅଧିକ ଶ୍ରମିକଙ୍କୁ ବିନା ନୋଟିସ୍‌ରେ ବେଆଇନ୍ ଭାବେ ଛଟେଇ କରିଦେଲା। ଛଟେଇ ପରେ ଆମେ ପାଉଣା ପାଇଁ ମାଲିକ ଜଗଦୀଶ ମିଶ୍ରଙ୍କୁ କହିବାରୁ ସେ କହିଲେ, ମୋର ଲିଜ ସରିଲା ପରେ ତୁମ ସମସ୍ତଙ୍କ ଯେତେ ବି ବାକି ପାଉଣା ରହିଛି ତାହା ପ୍ରଦାନ କରିବି। କିନ୍ତୁ ୨୦୨୦ରେ ଲିଜ ସରିଲା ପରେ ଆମେ ଆମର ପ୍ରାପ୍ୟ କଥା କହିଲା ବେଳେ ବିଭିନ୍ନ ପ୍ରକାର ବାହାନା କରି ସମୟ ଗଡ଼େଇ ଚାଲିଛନ୍ତି। ଆଜି ସୁଦ୍ଧା ଆମେ ପ୍ରାପ୍ୟ ପାଇପାରିନାହୁଁ। ଏହାକୁ କେହି ଗୁରୁତ୍ୱ ଦେଉନାହାନ୍ତି ବୋଲି ଶ୍ରମିକ ଶମ୍ଭୁ ମହାକୁଡ, ଗୁଲିଆ ବିନ୍ଧାଣି, ମନୋରଞ୍ଜନ ସେଠୀ, ଗହ୍ମା ମହାକୁଡ, ଅଶ୍ୱନୀ ଗିରି, ଗୁମାନ ଗିରି, ଜୟନ୍ତ ଗିରି ଅଭିଯୋଗ କରିଛନ୍ତି।

# ସେଲ୍‌ର ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ପରଲୋକ



ବାରିପଦା, ୧୨।୫(ସମିସ): ମୟୂରଭଞ୍ଜ ଇତିହାସର ପ୍ରଥମ ଓଡ଼ିଆ ଲେଖକ ସ୍ୱର୍ଗତ ଶ୍ୟାମସୁନ୍ଦର ଷଡ଼ଙ୍ଗୀଙ୍କ ଦ୍ୱିତୀୟ ପୁତ୍ର ତଥା ସେଲ୍‌ର ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ଷଡ଼ଙ୍ଗୀଙ୍କ ୭୯ ବର୍ଷ ବୟସରେ ପରଲୋକ ଘଟିଛି। ନୂଆଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ରହିବା ପରେ ଜ୍ୟେଷ୍ଠା କନ୍ୟା ଓଡ଼ିଶା ସରକାରଙ୍କ ନୂଆଦିଲ୍ଲୀରେ ଅବସ୍ଥାପିତ ଅତିରିକ୍ତ ରେସିଡେଣ୍ଟ କମିଶନର ସୁଚରିତା ଷଡ଼ଙ୍ଗୀଙ୍କ ବାସଭବନରେ ଶନିବାର ଦିନ ମୃତ୍ୟୁବରଣ କରିଛନ୍ତି। ମାନବ ସମ୍ବଳ ବିକାଶ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଓ ସେଲ୍ ପରିବାରରେ ଜଣାଶୁଣା ରବି ଷଡ଼ଙ୍ଗୀଙ୍କ ମରଶରୀର ତାଙ୍କ ରାଉରକେଲାସ୍ଥ କୋଏଲନଗର ବାସଭବନରେ ପହଞ୍ଚିଲା ପରେ ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ, ଶୁଭେଚ୍ଛୁ, ବନ୍ଧୁ, ଆତ୍ମୀୟସ୍ୱଜନ, ଆରଏସପିର ବହୁ ପୁରାତନ ସହକର୍ମୀ, ୟୁନିଅନ, ଅଫିସର୍ ଆସୋସିଏସନର କର୍ମକର୍ତ୍ତା, ପୂର୍ବତନ ସିଜିଏମ୍ ବିମଳ ବିଶି, ଇସ୍ପାତ ହସପିଟାଲର ମୁଖ୍ୟ ଡା ସଞ୍ଜୟ ତିୱାରୀ, ପୁରାତନ ବରିଷ୍ଠ ଅଫିସର ହିମାଂଶୁ ଦାସ, ଏମ୍ଆର୍ ଦାସ, ଅଭୟ ଦାସ, ହୀରାଲାଲ ମହାପାତ୍ର, ସିଏସ ଶତପଥୀ, ଲତିକା ପଟ୍ଟନାୟକ, ଏସକେ ପରିଚ୍ଛା ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଏହି ଦୁଃଖଦ ସମ୍ବାଦ ପାଇ ବାରିପଦାର ତାଙ୍କର ପୁରାତନ ସହପାଠୀ ତଥା ଝାଡ଼ଖଣ୍ଡ ରାଜ୍ୟ ସରକାରଙ୍କ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଡଃ ଦୀନେଶ ଷଡ଼ଙ୍ଗୀ, ସେଲ୍‌ର ଦିଲ୍ଲୀ କର୍ପୋରେଟ ଅଫିସର ପୂର୍ବତନ କାର୍ମିକ ଓ ପ୍ରଶାସନର ନିର୍ଦ୍ଦେଶକ ହିମାଂଶୁ ପତି, ନାଲକୋର ପୂର୍ବତନ ଅଧ୍ୟକ୍ଷ ଗଦାଧର ଉପାଧ୍ୟାୟ, ଅଗଣିତ ପ୍ରଶଂସକ, ଅନ୍ତରଙ୍ଗ ପୁରାତନ ସହପାଠୀ ଶୋକ ପ୍ରକାଶ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ ସୁଜାତା, ଦୁଇ କନ୍ୟା ସୁଚରିତା, ସୁଚିସ୍ମିତା, ଜ୍ୱାଇଁ ଅମିତ୍, ରକ୍ଷିବ୍ରତ, ନାତିନାତୁଣୀ, ଝିଆରୀ, ପୁତ୍ରବଧୂ ଓ ପରିବାରର ସଦସ୍ୟ ଉପସ୍ଥିତ ଥିଲେ। ଶୋକାକୁଳ ପରିବେଶରେ ବେଦ ବ୍ୟାସରେ ତାଙ୍କର ଶେଷକୃତ୍ୟ କରାଯାଇଛି। ପୁଅ ସନ୍ଦୀପ ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ।

# ମାଟ୍ରିକ୍ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ରାଇରଙ୍ଗପୁର, ୧୨।୫(ସମିସ): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ରାଇରଙ୍ଗପୁରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ସଫଳତା ଅର୍ଜନ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଉକ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଭାଲୁବସା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସପନ କୁମାର ମହାନ୍ତ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କେଦାରନାଥ ବାରିକ, ଜିଲ୍ଲା ଶୈକ୍ଷିକ ପ୍ରମୁଖ ପ୍ରକାଶ ଚନ୍ଦ୍ର ମଣ୍ଡଳ, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ କମଳା କାନ୍ତ ମହାନ୍ତ ପ୍ରମୁଖ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଭିଭାବକ ଅଭିଭାବିକା ନିଜ ପିଲାଙ୍କ ସହିତ ସମ୍ବର୍ଦ୍ଧିତ ହୋଇଥିଲେ। ବିଦ୍ୟାଳୟ ଶିଶୁ ଭଉଣୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ କେଦାରନାଥ ବାରିକ ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ମାର୍ଗଦର୍ଶନ କରିବା ସହିତ ବିଦ୍ୟାଳୟ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁମା ସାବିତ୍ରୀ ମିଶ୍ରଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନାରେ ସହଯୋଗ କରିଥିଲେ।

# ସମୂହ ବୃକ୍ଷରୋପଣ ପ୍ରକଳ୍ପର ରକ୍ଷଣାବେକ୍ଷଣ କରାଯାଉ

ଖୁଣ୍ଟିଂ, ୧୨।୫(ସମିସ): ଜଙ୍ଗଲସମ୍ପଦ ଓ ପରିବେଶ ସୁରକ୍ଷା ନେଇ ସରକାର କୋଟି କୋଟି ଟଙ୍କା ବିନିଯୋଗ କରି ବୃକ୍ଷରୋପଣ କରୁଛନ୍ତି। ମୟୂରଭଞ୍ଜ ଜିଲ୍ଲା ଶୁକ୍ଳି ବ୍ଲକ ଅନ୍ତର୍ଗତ ଆଦିପୁର ଗ୍ରାମ ସୀମାରେ ସମୂହ ବୃକ୍ଷରୋପଣ ଯୋଜନାରେ ଓଏଫ୍‌ଡିସି ଲିଃ, ବାରିପଦା (ସି) ଡିଭିଜନ ପକ୍ଷରୁ ୨୦୨୧-୨୨ ବର୍ଷରେ ୧୧.୩୦ ହେକ୍ଟର ପତିତ ଭୂମିରେ ୧୩, ୦୦୦ ସଂଖ୍ୟକ ବିଭିନ୍ନ ପ୍ରଜାତିର ବୃକ୍ଷ ରୋପଣ କରାଯାଇଥିଲା। ଏହି ବର୍ଦ୍ଧିତ ମନୋରମ ବୃକ୍ଷ ସମୂହର ରକ୍ଷଣାବେକ୍ଷଣ ଅବଧି ଚଳିତ ବର୍ଷ ମାର୍ଚ୍ଚ ମାସରେ ଶେଷ ହୋଇଥିବାରୁ ବର୍ତ୍ତମାନ ଏହି କୃତ୍ରିମ ବନାଞ୍ଚଳର




ସୁରକ୍ଷା ଅନିର୍ବାର୍ଯ୍ୟ ହୋଇପଡ଼ିଛି। ଏଥିସହ ଅସାଧୁ ଲୋକଙ୍କ ଦ୍ୱାରା ଏହି ସବୁଜ ବନାନୀର ବିପୁଳ କ୍ଷତିଗ୍ରସ୍ତ ହେବାର ଯଥେଷ୍ଟ ସମ୍ଭାବନା ଥିବାରୁ ପ୍ରକୃତିପ୍ରେମୀ, ସଚେତନ ଗ୍ରାମବାସୀ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ଥାନୀୟ ପଞ୍ଜିକୃତ ସ୍ୱେଚ୍ଛାସେବୀ ସଂଗଠନ ପୁଣ୍ୟତୀର୍ଥ ଦୋମୁହାଣୀ ବିକାଶ ପରିଷଦ ହସ୍ତରେ ନ୍ୟସ୍ତ କରାଗଲେ ଏହି ପ୍ରକଳ୍ପର ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ଉଲ୍ଲେଖ କରି କରଞ୍ଜିଆ ବନଖଣ୍ଡ ଅଧିକାରୀଙ୍କ ନିକଟକୁ ପ୍ରାୟ ଏକ ମାସ ତଳେ ଲିଖିତ ଆକାରରେ ଆବେଦନ କରିଥିବ ଜଣାପଡ଼ିଛି। ତୁରନ୍ତ ବିଭାଗୀୟ ଅଧିକାରୀ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# କାହ୍ନପୁରା ଶକ୍ତି ପୀଠର ବାର୍ଷିକ ଉତ୍ସବ



ବଡ଼ସାହି, ୧୨।୫(ସମିସ): ବଡସାହି ବ୍ଲକ ଅଧୀନ ପଟିସାରୀ ପଞ୍ଚାୟତର କାହ୍ନପୁରାଠାରେ ଥିବା ମା'ଙ୍କ ଶକ୍ତି ପୀଠରେ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏ ଅବସରରେ ଗାଁ ପୋଖରୀରୁ ଘଟ ଉତ୍ତୋଳନ କରାଯାଇ ସଂକୀର୍ତ୍ତନ ମଣ୍ଡଳୀ ଗହଣରେ ଗାଁ ପରିକ୍ରମା କରାଯାଇଛି। ବିଭିନ୍ନ ସ୍ଥାନରେ ଘଟଗୁଡିକୁ ସ୍ୱାଗତ କରାଯାଇଥିବା ଦେଖିବାକୁ ମିଳିଛି। ଘଟ ପୂଜା ମଣ୍ଡପରେ ସ୍ଥାପନ କରାଯିବା ପରେ ବାବା ଦୀପକ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାପାଠ ଓ ହୋମ ଯଜ୍ଞ ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରୁ ଶତାଧିକ ଭକ୍ତ ଆସି ଏହି ଉତ୍ସବରେ ଯୋଗ ଦେଇ ମା'ଙ୍କ ଆଶିଷ ଭିକ୍ଷା କରିଛନ୍ତି। ଭକ୍ତଙ୍କ ସହଯୋଗ ଓ ଅନୁଦାନରେ ମା'ଙ୍କ ପୂଜାର୍ଚ୍ଚନା ଓ ବାର୍ଷିକ ଉତ୍ସବ ପ୍ରତିବର୍ଷ ଅନୁଷ୍ଠିତ ହୋଇଆସୁଛି।

# ଜିଲ୍ଲା ମୁଖ୍ୟାଳୟ ବାରିପଦାରେ ମହିଳା ଥାନା ପ୍ରତିଷ୍ଠା ଦାବି

ବାରିପଦା, ୧୨।୫(ସମିସ): ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ଏକ ମହିଳା ଥାନା ପ୍ରତିଷ୍ଠା ପାଇଁ ଦାବି ହୋଇଛି। ବାରିପଦା ସହରର ବୁଦ୍ଧିଜୀବୀ ଓ ମିଳିତ ବିରୋଧୀ ଦଳ କଂଗ୍ରେସ, ସିପିଆଇ, ସିପିଏମ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ଜରିଆରେ ଦାବିପତ୍ର କଂଗ୍ରେସ ନେତା ଶାନ୍ତନୁ ପାଲଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ମହିଳାଙ୍କ ପ୍ରତି ଦିନକୁ ଦିନ ଅଶାଳୀନ ବ୍ୟବହାର, ନାବାଳିକା ଯୌନ ଉତ୍ପୀଡ଼ନ, ଅପହରଣ, ନିଖୋଜ, ଦୁଷ୍କର୍ମ, ଶିକ୍ଷାନୁଷ୍ଠାନରେ ଛାତ୍ରୀ ଗର୍ଭବତୀ, ହତ୍ୟା, ଗୁଣି ଗାରେଡ଼ି, ଡାହାଣୀ ସନ୍ଦେହରେ ହତ୍ୟା ଇତ୍ୟାଦି ଲଗାମହୀନ ଅପରାଧ ଘଟଣା ମହିଳାଙ୍କ କ୍ଷେତ୍ରରେ ବଢ଼ିଚାଲିଛି। ସଚେତନତା ଓ ଶିକ୍ଷାର ଘୋର ଅଭାବ ହେତୁ ପ୍ରାୟତଃ ଉପାନ୍ତ ଆଦିବାସୀ ଅଞ୍ଚଳ ସମେତ କିଛି ସହରାଞ୍ଚଳରେ ଡାହାଣୀ ସନ୍ଦେହରେ ହତ୍ୟାର ଶିକାର ହୋଇଚାଲିଛନ୍ତି। ଶିକ୍ଷାନୁଷ୍ଠାନରେ ମଧ୍ୟ ବିଭିନ୍ନ ପ୍ରସଙ୍ଗଜନିତ ଆତ୍ମାହୁତି ଘଟଣା ପରିବାର, ଅଭିଭାବକ, ସାମାଜିକ ବ୍ୟବସ୍ଥା ଭିତ୍ତିକ ସୁସ୍ଥ ସମାଜକୁ ଦୋହଲାଇ ଦେଲାଣି। ବହୁ କ୍ଷେତ୍ରରେ ଦେଖାଯାଇଛି ଲୋକ ଲଜ୍ଜାକୁ ଭୟ କରି ପୀଡିତା ଥାନାରେ ପୁଲିସ ବାବୁଙ୍କ ଆଗରେ ସଠିକ୍ ବୟାନ ନ ଦେବା ଫଳରେ ଅଭିଯୁକ୍ତ ଆଇନ୍ ହାତରୁ ଖସିଯାଉଛି। ଏପରିକି ସମସ୍ତ ତଥ୍ୟ ଜାଣି ସୁଦ୍ଧା ପରିବାରବର୍ଗ ପୀଡ଼ିତା ଝିଅର ଭବିଷ୍ୟତ




ବିବାହକୁ ନେଇ ସନ୍ଦିହାନ ଭିତରେ ରହୁଥିବାରୁ ଚୁପ୍ ରହିବାକୁ ଉଭୟ ସମାଜ ଓ ସାମାଜିକ ପରମ୍ପରା ବାଧ୍ୟ କରୁଛି। ମହିଳାମାନେ କର୍ମକ୍ଷେତ୍ରରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏଭଳି ସଂଗୀନ ଅଭିଯୋଗର ତଦନ୍ତ କିଛି ମହିଳା ପୁଲିସ ଅଧିକାରୀ କରୁଥିଲେ ମଧ୍ୟ ସମ୍ପୃକ୍ତ ଥାନାର ପୁରୁଷ ବଡ଼ବାବୁଙ୍କ ସାମ୍ନାରେ ସଠିକ୍ ଘଟଣାର ସତ୍ୟତାକୁ ଉପସ୍ଥାପିତ କରିବାକୁ ଲଜ୍ଜାବୋଧ କରୁଛନ୍ତି। ମାମଲାକୁ ଦୁର୍ବଳ ବା ରଫାଦଫା କରିବାକୁ ରାଜନୈତିକ ହସ୍ତକ୍ଷେପ ରହିବା ଫଳରେ ଅଭିଯୁକ୍ତ ଆଇନର ଗଳାବାଟ ଦେଇ ବାହାରି ପୁନର୍ବାର ଅପରାଧ ଘଟାଇବାକୁ ସୁରକ୍ଷିତ ମଣୁଛନ୍ତି। ଉପରୋକ୍ତ ବାସ୍ତବ ଆଧାରିତ ପ୍ରସଙ୍ଗଗୁଡ଼ିକୁ ନେଇ ଜିଲ୍ଲାର ମୁଖ୍ୟାଳୟ ବାରିପଦାଠାରେ ମହିଳା ଥାନା ପ୍ରତିଷ୍ଠା କରାଗଲେ, ପୀଡ଼ିତା ଜଣଙ୍କ ବା ତା'ର ପରିବାର ସଦସ୍ୟ ନିର୍ଭୟରେ ତା' ପ୍ରତି ହୋଇଥିବା ବା ହେଉଥିବା ଅତ୍ୟାଚାର, ଯୌନ ଉତ୍ପୀଡ଼ନ ଇତ୍ୟାଦି ସମସ୍ତ ଘଟଣାକୁ ସଠିକ୍ ଉପସ୍ଥାପନ କରିବାରେ ସକ୍ଷମ ହେବା ସହ ପ୍ରକୃତ ଦୋଷୀକୁ ଦଣ୍ଡବିଧାନ ହୋଇପାରିବ। ଏହି ପୃଷ୍ଠଭୂମିରେ ମହିଳା ଥାନା ବାରିପଦାରେ ପ୍ରତିଷ୍ଠା କରିବାକୁ ସରକାରୀ ସ୍ତରରେ ଯଥାଶୀଘ୍ର ବିହୀତ ପଦକ୍ଷେପ ଗ୍ରହଣ ପାଇଁ ଏସପିଙ୍କ ଜରିଆରେ ଦୃଢ଼ ଦାବି ଉପସ୍ଥାପନ କରାଯାଇଛି। ଏହାର ଏକକିତା ନକଲ ପୁଲିସ ମହାନିର୍ଦ୍ଦେଶକଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ଶ୍ରୀକାନ୍ତ ସାମଲ, ଓକିଲ ପଙ୍କଜ ମହାକୁଡ଼, ଦେବରାଜ ମିଶ୍ର, କଂଗ୍ରେସର ନିର୍ମଳ ପ୍ରଧାନ, ଭବାନୀ ଶଙ୍କର ସାହୁ, ଅଂଶୁମାନ ଦାସ, ମହମ୍ମଦ ଅକିଲ, ତୁଷାର ବେହେରା ଓ ସିପିଏମର ରବି ଗୋସ୍ୱାମୀ ଉପସ୍ଥିତ ଥିଲେ।

● ସୁଲେଇପାଟ ପିଏଚ୍‌ସିରେ ଡାକ୍ତର ପଦବୀ ଖାଲି

# ଭଗବାନ ଭରସାରେ ଚାଲିଛି ରୋଗୀ ସେବା



ରାଇରଙ୍ଗପୁର,୧୨।୫(ସମିସ): ଖୋଦ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାରେ ସୁଧାର ଆସୁନାହିଁ। ବାମନଘାଟି ଉପଖଣ୍ଡରେ ସ୍ୱାସ୍ଥ୍ୟ ସେବା ଭୁଶୁଡ଼ି ପଡିଛି। ଗାଁରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ନେଇ ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବାବେଳେ ପ୍ରକୃତ ଚିତ୍ର କିନ୍ତୁ ଅଲଗା ରହିଛି। ସୁଲେଇପାଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘମାସ ଧରି ଏମବିବିଏସ ଡାକ୍ତର ପଦବୀ ଖାଲି ପଡିଛି। ଯାହାକୁ ନେଇ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ (ମାସା) ପକ୍ଷରୁ ରାଇରଙ୍ଗପୁରସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥାରେ ଚାଲିଥିବା ଅବ୍ୟବସ୍ଥା ବିରୋଧରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦାବିପତ୍ର ପ୍ରଦାନ କରାଯାଇଛି। କୁସୁମୀ ବ୍ଲକର ଖଣି ପ୍ରଭାବିତ ସୁଲେଇପାଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ମାସ ଧରି ଡାକ୍ତର ନ ଥିବାରୁ ସମଗ୍ର ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଡାକ୍ତର ଅଭାବରେ ଫାର୍ମାସିଷ୍ଟ ଓ ଅନ୍ୟ କର୍ମଚାରୀ ମାନଙ୍କ ହାତରେ ଚିକିତ୍ସା ସେବା ଚାଲିଥିବାର ଅଭିଯୋଗ କରିଛନ୍ତି। ଯାହାକି ସରକାରୀ ଅବହେଳାର ଜ୍ୱଳନ୍ତ ଉଦାହରଣ ଅଟେ। ଲୋକ ମାନେ ସାଧାରଣ ଚିକିତ୍ସା ପାଇଁ ୨୦ କି.ମି. ଦୂରକୁ ଯିବାକୁ ବାଧ୍ୟ ହେଉଛନ୍ତି। ଯାହା ସ୍ୱାସ୍ଥ୍ୟ ସେବା ପ୍ରତି ବିଜେପି ସରକାରଙ୍କ ଉଦାସୀନତାକୁ ସ୍ପଷ୍ଟ କରୁଛି। ତେବେ ଏହାର ତୁରନ୍ତ ସମାଧାନ କରି ଡାକ୍ତର ନିଯୁକ୍ତି କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। "ସେହିପରି ବାମନଘାଟି ଉପଖଣ୍ଡର ବେସରକାରୀ ବିଦ୍ୟାଳୟରେ ଆରଟିଇ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ନେଇ ମଧ୍ୟ ମାସା ଜିଲ୍ଲା ପ୍ରଶାସନକୁ ଜଣାଇଛନ୍ତି। ସରକାରୀ ଯୋଜନାରେ ଗରିବ ଓ ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କୁ ମାଗଣା ଶିକ୍ଷା ଦେବାକୁ ନିୟମ ରହିଛି। କିନ୍ତୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପୁସ୍ତକ, ୟୁନିଫର୍ମ ଓ ଅନ୍ୟାନ୍ୟ ନାମରେ ଟଙ୍କା ଆଦାୟ କରୁଛନ୍ତି। ପୂର୍ବରୁ ଅଭିଯୋଗ ଦିଆଯାଇଥିଲେ ମଧ୍ୟ ପ୍ରଶାସନ ନୀରବ ରହିଥିବାରୁ ମାସା କଠୋର ଅସନ୍ତୋଷ ପ୍ରକାଶ କରିଛି। ଏହାର ସମାଧାନ ନହେଲେ ଆଗାମୀ ଦିନରେ ଉପ-ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶା ଜାତୀୟ ସ୍ତରରେ ସମ୍ମାନିତ

# ପୂର୍ବ ସରକାରଙ୍କ ସଫଳତାକୁ ମୋହର ମାରିଲେ ମନ୍ତ୍ରୀ

ବାରିପଦା, ୧୨।୫(ସମିସ):



ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ)ର ସଫଳ କାର୍ଯ୍ୟାନ୍ୱୟନ ଓ ଗ୍ରାମୀଣ ସଂଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ଓଡ଼ିଶାକୁ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ସ୍ତରରେ ସମ୍ମାନିତ କରାଯାଇଛି ବୋଲି ମଙ୍ଗଳବାର ମୟୂରଭଞ୍ଜ ଗସ୍ତରେ ଥିବା ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି। ବାରିପଦା ସର୍କିଟ ହାଉସରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ସେ କହିଥିଲେ ଯେ, ମଧ୍ୟପ୍ରଦେଶର ସିହୋରଠାରେ ମେ ୧୦ ତାରିଖରେ ଆୟୋଜିତ ପିଏମଜିଏସୱାଇର ୨୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦେଶର ଗ୍ରାମୀଣ ସଂଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ପିଏମଜିଏସୱାଇ ଗତ ୨୫ ବର୍ଷ ଧରି ଏକ ମାଇଲଷ୍ଟୋନ୍ ଯୋଜନା ଭାବେ ପରିଚିତ ହୋଇଆସିଛି। ଏହି ଯୋଜନା ମାଧ୍ୟମରେ ସାରା ଦେଶରେ ୧.୭୩ ଲକ୍ଷରୁ ଅଧିକ ବସବାସ କ୍ଷେତ୍ରକୁ ସବୁ ଋତୁରେ ଯାତାୟାତଯୋଗ୍ୟ ସଡ଼କ ସଂଯୋଗ ମିଳିଛି। ଶିକ୍ଷା, ସ୍ୱାସ୍ଥ୍ୟ, ବଜାର ଓ ଜୀବିକା ସୁବିଧାରେ ଗ୍ରାମାଞ୍ଚଳର ଲୋକଙ୍କ ପହଞ୍ଚ ବୃଦ୍ଧିରେ ଏହି ଯୋଜନା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି। ଯୋଜନାର ସଫଳ କାର୍ଯ୍ୟାନ୍ୱୟନ, ଗୁଣାତ୍ମକ ନିର୍ମାଣ ଓ ସ୍ଥାୟୀ ଉନ୍ନୟନମୂଳକ ପଦକ୍ଷେପ ପାଇଁ ରାଜ୍ୟମାନଙ୍କୁ ବିଭିନ୍ନ ବର୍ଗରେ ଜାତୀୟ ସ୍ୱୀକୃତି ମିଳିଛି। ପିଏମଜିଏସୱାଇ ଅଧୀନରେ ସର୍ବାଧିକ ବସବାସ କ୍ଷେତ୍ରକୁ ସଡ଼କ ସଂଯୋଗ ପ୍ରଦାନ କରିଥିବା ରାଜ୍ୟ ଶ୍ରେଣୀରେ ଓଡ଼ିଶା ୧୬,୯୯୦ଟି ବସବାସ କ୍ଷେତ୍ରକୁ ସଂଯୋଗ ପ୍ରଦାନ କରି ଦେଶରେ ତୃତୀୟ ସ୍ଥାନ ଅଧିକାର କରିଛି।

ସେହିପରି ଉତ୍ତର-ପୂର୍ବ, ପାହାଡ଼ିଆ ଓ କେନ୍ଦ୍ରଶାସିତ ଅଞ୍ଚଳ ଶ୍ରେଣୀରେ ମଧ୍ୟ ଓଡ଼ିଶା ୨,୧୩୨ ପାହାଡିଆ ଅଞ୍ଚଳର ଜନବସତିକୁ ସଡ଼କ ସଂଯୋଗୀକରଣ କରି ଜାତୀୟ ସ୍ତରରେ ତୃତୀୟ ସ୍ଥାନ ହାସଲ କରିଛି। ରାଜ୍ୟକୁ ଗ୍ରାମାଞ୍ଚଳ ଭିତ୍ତିଭୂମିରେ ନବସୃଜନ ପାଇଁ ମଧ୍ୟ ସ୍ୱୀକୃତି ମିଳିଛି। ଜାତୀୟ କାର୍ଯ୍ୟକ୍ରମର ଅଂଶ ଭାବେ ଆୟୋଜିତ ଇଞ୍ଜିନିୟରିଂ ଓ ପ୍ରଯୁକ୍ତିବିଦ୍ୟା ମଡେଲ ପ୍ରଦର୍ଶନୀ ସମୟରେ ଓଡ଼ିଶାର "ବନ୍ଧାରା ମଡେଲ' ପ୍ରଦର୍ଶିତ ହୋଇଛି। ଗ୍ରାମୀଣ ସଂଯୋଗ ଓ ଜଳ ନିରାପତ୍ତାକୁ ସମନ୍ୱୟ କରିଥିବା ଏହି ବ୍ରିଜ୍-କମ୍-ୱିଅର ମଡେଲ ଓଡ଼ିଶାର ଏକ ସଫଳ ଓ ସ୍ଥାୟୀ ଉନ୍ନୟନମୂଳକ ପଦକ୍ଷେପ ଭାବେ ପରିଚିତ ହୋଇଛି। ବର୍ଷା ଶେଷରେ ଋତୁକାଳୀନ ନଦୀଗୁଡ଼ିକରେ ଜଳ ଅଭାବ ସମସ୍ୟାକୁ ଦୂର କରିବା ପାଇଁ ଏଥିରେ ଆଡ଼ିବନ୍ଧ ବ୍ୟବସ୍ଥା ମାଧ୍ୟମରେ ଜଳ ପ୍ରବାହକୁ ନିୟନ୍ତ୍ରଣ କରାଯାଇ ଗ୍ରାଉଣ୍ଡ ୱାଟର ରିଚାର୍ଜରେ ସହାୟତା କରାଯାଉଛି। ଫଳରେ ଗ୍ରୀଷ୍ମଋତୁରେ ପାନୀୟଜଳ ଓ ଜଳସେଚନ ପାଇଁ ଜଳ ଉପଲବ୍ଧତା ସୁନିଶ୍ଚିତ ହେଉଛି। ପିଏମଜିଏସୱାଇ ଅଧୀନରେ ଓଡ଼ିଶାକୁ ମିଳିଥିବା ଏହି ଜାତୀୟ ସ୍ୱୀକୃତି ଗ୍ରାମୀଣ ବିକାଶ କ୍ଷେତ୍ରରେ ରାଜ୍ୟର ଦୃଢ଼ ପ୍ରତିବଦ୍ଧତା ଓ ନିରନ୍ତର ପ୍ରୟାସର ପ୍ରତିଫଳନ ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି। ରାଜ୍ୟ ସରକାର ଗ୍ରାମାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଦିଗରେ ସର୍ବଦା କାର୍ଯ୍ୟ କରୁଥିବାବେଳେ ଆଗାମୀ ଦିନରେ ଏହି ଅଭିଯାନକୁ ଆହୁରି ସୁଦୃଢ଼ କରିଯିବ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଛନ୍ତି। ତେବେ ଏହି ସଫଳତା ପୂର୍ବ ସରକାରଙ୍କ ନା ଦୁଇବର୍ଷର ନୂତନ ସରକାରଙ୍କ ବୋଲି ସାମ୍ବାଦିକ ପ୍ରଶ୍ନ କରିବାରୁ ସେ ଏଡାଇ ଯାଇଥିଲେ। ସାମ୍ବାଦିକ ସମ୍ମିଳନୀରେ ତାଙ୍କ ସହିତ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଉଦଳା ବିଧାୟକ ଭାସ୍କର ମଢେଇ ଉପସ୍ଥିତ ଥିଲେ।

ଜମୁଛି ଛଉ ଆଖଡ଼ା, କମୁଛି ଅଞ୍ଚଳ

# ଆଜିଠୁ ଦୁଇଦିନ ଧରି ଚିତ୍ରଡ଼ା ଛଉ ଉତ୍ସବ





ମୋରଡ଼ା,୧୨।୫(ସମିସ): ମୟୂରଭଞ୍ଜର ଛଉ ନୃତ୍ୟ ସମଗ୍ର ବିଶ୍ୱରେ ଖ୍ୟାତିଲାଭ କରିଥିବାବେଳେ ମୋରଡା ବ୍ଲକର ବିଭିନ୍ନ ଅଞ୍ଚଳରେ ଛଉକୁ ନେଇ ଲୋକଙ୍କ ମଧ୍ୟରେ ବିଶେଷ ଉତ୍ସାହ ଥିବା ପରିଲକ୍ଷିତ ହୁଏ। ବହୁଦିନରୁ ଚିତ୍ରଡା ଅଞ୍ଚଳରେ ଉଡ଼ା ପର୍ବ ପୂର୍ବରୁ ଚିତ୍ରଡା ଉତ୍ତରସାହି ଓ ଦକ୍ଷିଣସାହି ମଧ୍ୟରେ ଦୁଇଦିନ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାବେ କେଉଁ କାଳରୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଆସୁଛି। ତେବେ ପ୍ରତିଯୋଗିତା ପାଇଁ ଦୁଇ ସାହିରେ ଆଖଡା ନୃତ୍ୟ ଅଭ୍ୟାସ ଜୋରସୋରରେ ଚାଲିଛି। ତେବେ ଚିତ୍ରଡା ଉତ୍ତରସାହିର ଅନନ୍ତ ଦମ୍ପତି ସ୍କୁଲ ପରିସରରେ ଛଉ ନୃତ୍ୟର ଶିକ୍ଷା ଓ ଅଭ୍ୟାସ କରାଯାଏ। ନୃତ୍ୟଗୁରୁ ଜାନକୀ ମହାନ୍ତ ନାଚ ମାଧ୍ୟମରେ ବୀରତ୍ୱ, ପାଇକ ବିଦ୍ୟା ଓ ମାଟିର କଳାକୁ ଉଜ୍ଜୀବିତ ରଖିବା ଭଳି ଶିକ୍ଷା ପ୍ରଦାନ କରୁଥିବାର ଦେଖିବାକୁ ମିଳିଛି। ଯୁବକମାନେ ଛଉ ନୃତ୍ୟର ବିଭିନ୍ନ ବୀର ରସାତ୍ମକ ଭଙ୍ଗୀ ଓ ପାଇକ ବିଦ୍ୟାର ତାଲିମ ନେଇ ଆସନ୍ତା ୧୩ ଓ ୧୪ ତାରିଖ ଦୁଇଦିନ ଧରି ଚିତ୍ରଡା ବସଷ୍ଟାଣ୍ଡ ଛଉ ପ୍ୟାଣ୍ଡେଲରେ ନିଜର ପ୍ରତିଭା ପ୍ରଦର୍ଶନ କରିବେ।

# ବାଇକ୍ ଦୁର୍ଘଟଣାଗ୍ରସ୍ତ, ୨ ଗୁରୁତର ଆହତ

ଠାକୁରମୁଣ୍ଡା,୧୨।୫(ସମିସ): ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା-କପ୍ତିପଦା ରାସ୍ତାର ଦିଗଧର ନୂଆସାହି ବାଙ୍କ ନିକଟରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଦୁଇ ଗୁରୁତର ଆହତ ହୋଇଥିବା ଜଣାପଡିଛି। ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇ ରହିଥିବା ଏକ ବାଇକକୁ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଥାନା ଅନ୍ତର୍ଗତ ପଣସଡିହା ପଞ୍ଚାୟତ ବଣୀଆଯୋଡ଼ି ଗ୍ରାମର ଶ୍ରୀରାମ ସମାଡ ନିଜ ବାଇକରେ ଶରତ ଅଞ୍ଚଳରୁ ଘରକୁ ଫେରୁଥିଲେ। ଏହି ସମୟରେ ଭେଜିଡିହା ଅଞ୍ଚଳରୁ ସାହାରପଡା ଥାନା ଅନ୍ତର୍ଗତ ମାଛଗଡ ନିକଟ କମାରମାରା ଗ୍ରାମର ଜଗା ବିରୁଆଙ୍କୁ ସେ ଲିଫ୍ଟ ଦେଇଥିଲେ। ଦୁଇଜଣ ଏକ ବାଇକରେ ଯାତ୍ରା କରୁଥିବାବେଳେ ଠାକୁରମୁଣ୍ଡା ଥାନା ନୂଆସାହି ବାଙ୍କ ନିକଟରେ ରାସ୍ତାରେ ଛିଡ଼ା ହୋଇଥିବା ଏକ ବାଇକକୁ ଧକ୍କା ଦେଇଥିଲେ। ଦୁଇଜଣ ରାସ୍ତାରେ ଛିଟକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କରଞ୍ଜିଆ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି।

# ନବ ନିର୍ମାଣ କୃଷକ ସଂଗଠନର ବୈଠକ



କପ୍ତିପଦା,୧୨।୫ (ସମିସ): ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ କପ୍ତିପଦା ବ୍ଲକ ଖଲାଡ଼ି ଓ ଜଡ଼ିଦା ପଞ୍ଚାୟତ ତାଳପୋଖରୀ ହାଟ ଛକଠାରେ ବଂଶ ରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ପକ୍ଷରୁ ଜିଲ୍ଲା ପ୍ରଭାରୀ ଚିନୁ ଦାଶ, ଦୁଇ ପଞ୍ଚାୟତର ନେତାଙ୍କ ସହିତ ଆଲୋଚନା କରିଥଲେ ଯେ, ଇଲେକ୍ଟ୍ରି ସ୍ମାର୍ଟ ମିଟର ଗାଁରେ ବସିବ ନାହିଁ ଓ ଏଚପିଭି ଭ୍ୟାକ୍ସିନ୍ କିଶୋରୀଙ୍କୁ ଦିଆଯିବନାହିଁ। ଭ୍ୟାକ୍ସିନ୍ ହିଁ ରୋଗର ମୂଳ କାରଣ। କରୋନା ଭ୍ୟକ୍ସିନ୍ ନେବା ପରେ ଯୁବକଙ୍କଠାରେ ହଠାତ ମୃତ୍ୟୁ ଦେଖିବାକୁ ମିଳୁଛି। ବ୍ରେନ୍‌ଷ୍ଟ୍ରୋକ, ହାର୍ଟଷ୍ଟ୍ରୋକ, ପାରାଲିସିସ୍ ଓ ଚର୍ମରୋଗ ପରି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଶରୀରରେ ଦେଖାଯାଉଥିବାବେଳେ ସରକାର ଆଉଏକ ଭ୍ୟାକ୍ସିନ୍ କିଶୋରୀଙ୍କୁ ଦେଉଛନ୍ତି। ଯେଉଁ ରୋଗ ଶରୀରରେ ନାହିଁ, ସେ ରୋଗ ପାଇଁ କାହିଁକି ଭ୍ୟାକ୍ସିନ୍ ଦିଆଯିବ। ଯଦି ଭ୍ୟାକ୍ସିନ୍ ନେବା ଫଳରେ କିଶୋରୀଙ୍କଠାରେ ପ୍ରଜନନ କ୍ଷମତା ହ୍ରାସ, କୌଣସି ଶାରିରୀକ ସମସ୍ୟା ଦେଖାଯାଏ, ତେବେ ସ୍ୱାସ୍ଥ୍ୟ ବିଭାଗ ନା ସରକାର କିଏ ଦାୟୀ ହେବେ ସଂଗଠନ ପ୍ରଶ୍ନ ଉଠାଇଛି। ସେହିପରି ଆଗୁଆ ଟଙ୍କା ନେବା ଉଦ୍ଦେଶ୍ୟରେ କମ୍ପାନୀ ଇଲେକ୍ଟ୍ରି ସ୍ମାର୍ଟ ମିଟର ଲଗାଇ ସାଧାରଣ ଜନତାଙ୍କ ସାମ୍ବିଧାନିକ ଅଧିକାରକୁ ହରଣ କରୁଛି। ସରକାର ଅନେକ ରାଜ୍ୟରେ ଚାଷୀମାନଙ୍କୁ ବିଜୁଳି ମାଗଣାରେ ଦେଉଥିବା ସମୟରେ ଓଡ଼ିଶାରେ କାହିଁକି ବିଜୁଳି ରିହାତିରେ ଦିଆଯିବ ନାହିଁ ବୋଲି ଜିଲ୍ଲା ସଭାପତି ପ୍ରାଣବନ୍ଧୁ ପଲେଇ ଆଲୋଚନା କରିଥଲେ। ଉକ୍ତ ବୈଠକରେ ଶତ୍ରୁଘ୍ନ ବେହେରା, ରାମ ବେସ୍ରା, ନାଥ ହେମ୍ବ୍ରମ, ନରେନ୍ଦ୍ର ବେହେରା, ଗୁରୁଭା ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ମାଟ୍ରିକ୍ ଟପ୍ପର ପାର୍ଥସାରଥିଙ୍କୁ ସମ୍ବର୍ଦ୍ଧନା

ଶୁଳିଆପଦା,୧୨।୫(ସମିସ): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ରାଜ୍ୟରେ ଯୁଗ୍ମ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥୁବା ମୟୂରଭଞ୍ଜ ଜିଲ୍ଲା ବାରିପଦାର ପାର୍ଥସାରଥି ମହାନ୍ତଙ୍କୁ ତାଙ୍କ ମଧୁବନସ୍ଥ ବାସଭବନରେ ଯୁବଛାତ୍ର ମଞ୍ଚ କାର୍ଯ୍ୟକର୍ତ୍ତା ଭେଟି ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଯୁବଛାତ୍ର ମଞ୍ଚ ସଭାପତି ସମୀର ମହାନ୍ତଙ୍କ ନେତୃତ୍ୱରେ ସମ୍ପାଦକ ରମା ନାଏକ, କାର୍ଯ୍ୟକାରୀ ସଭାପତି ଦିବ୍ୟରଞ୍ଜନ ସାସମଲ, ଉପସଭାପତି ଗୋବିନ୍ଦ ଦେଓ, ଜଗବନ୍ଧୁ ନାଏକଙ୍କ ସମେତ ବିଶ୍ୱରଞ୍ଜନ ମହାନ୍ତ, ଗୋରା ହାଁସଦା, ସିମଲ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ପାର୍ଥସାରଥିଙ୍କ ମାମୁଁ ରାମେଶ୍ୱର ମହାନ୍ତ ଉପସ୍ଥିତ ଥାଇ ତାଙ୍କ ଆଗାମୀ ପାଠପଢା ବିଷୟରେ କହିଥିଲେ। ଭୁବନେଶ୍ୱରର ବିଜେବି ମହାବିଦ୍ୟାଳୟରେ ସେ +୨ ବିଜ୍ଞାନ ଅଧ୍ୟୟନ କରିବେ ବୋଲି ତାଙ୍କ ପରିବାର ତରଫରୁ ସୂଚନା ଦିଆଯାଇଛି।



# ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣଙ୍କ ବିଶୋଇ ବ୍ଲକ୍ ଗସ୍ତ

ବିଶୋଇ,୧୨।୫ (ସମିସ): ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଆଜି ବିଶୋଇ ବ୍ଲକକୁ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ବନ୍ଧରେ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଏ ଅବସରରେ ଜନପ୍ରତିନିଧି ନିଜ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆଜି ଦିବା ୧ ଘଟିକା ସମୟରେ ମନ୍ତ୍ରୀ ଶ୍ରୀ ନାଏକଙ୍କ ସହିତ ସାରସକଣା ବିଧାୟକ ଭାଦବ୍ ହାଁସଦା ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ



ପହଞ୍ଚିବା ପରେ ଦଳୀୟ କାର୍ଯ୍ୟକର୍ତ୍ତା ଓ ବିଶୋଇ ବ୍ଲକ ପ୍ରଶାସନ ତରଫରୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବ୍ଲକ ଭାରପ୍ରାପ୍ତ ବିଡ଼ିଓ ସୁମନରାଜା ମହାନ୍ତି ଓ ବିଜାତଳା ବିଡିଓ ବଂଶୀଧର ଖସଲାଙ୍କ ସହ ଆଲୋଚନା କରିଥିଲେ। ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟର ଉନ୍ନତିକରଣ ସହିତ ବିଭିନ୍ନ ପଞ୍ଚାୟତରେ ପାନୀୟଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ନେଇ ଆଲୋଚନା କରିଥିଲେ। ଏ ଅବସରରେ ବିଶୋଇ ବ୍ଲକରେ ଦୀର୍ଘଦିନରୁ ଖାଲି ପଡିଥିବା ବିଡିଓ ପଦବୀରେ ସ୍ଥାୟୀ ନିଯୁକ୍ତି ପ୍ରଦାନ ପାଇଁ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ ଦାବିପତ୍ର ପ୍ରଦାନ କରିଥିଲେ। ଖଡ଼ମବେଡ଼ା ପଞ୍ଚାୟତରେ ବିଭିନ୍ନ ଗ୍ରାମରେ ପାନୀୟ ଜଳ ଅବ୍ୟବସ୍ଥା, ବଡ଼ସାହି ଦେଇ ଡାକଚୋଟୀଠାରୁ ଖଡ଼ମବେଡ଼ା ରାଧାକୃଷ୍ଣ ମଣ୍ଡପ ଛକ ପର୍ଯ୍ୟନ୍ତ ଆର.ଡି ରାସ୍ତା ନିର୍ମାଣ, କିତାବେଡ଼ା-ସାନବାଲିଚୁଆ ପର୍ଯ୍ୟନ୍ତ ଅଧାପନ୍ତରିଆ ଭାବେ ପଡିରହିଥିବା ଆର.ଡି ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଉକ୍ତ ରାସ୍ତା ଦେଇ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ କରିବା ଏବଂ ହାତୀଛାଡ଼ ଗ୍ରାମ ଛକରେ ବିଏସ୍‌ଏନଏଲ ଟାୱାରକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଖଡ଼ମବେଡ଼ା ପଞ୍ଚାୟତ ସମିତି ସଦସ୍ୟା ବାସନ୍ତୀ ହାଁସଦା ଦାବିପତ୍ର ପ୍ରଦାନ କରିଥିଲେ।

ସେହିପରି ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି ପାଞ୍ଚ ଦଫା ଦାବି ସମ୍ବଳିତ ଦାବିପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ପରେ ମନ୍ତ୍ରୀ ବିଶୋଇ ସମନ୍ୱିତ ଶିଶୁ ଓ ମହିଳା ବିକାଶ କାର୍ଯ୍ୟାଳୟ ପରିଦର୍ଶନ କରି ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ନିହାରିକା ମହାନ୍ତି ଓ ସିଡିପିଓ ବିଟୁ ଟୁଡୁ ସହିତ ଆଲୋଚନା କରିଥିଲେ। ଭଗ୍ନ ଅବସ୍ଥାରେ ଥିବା ସମନ୍ୱିତ ଶିଶୁ ଓ ମହିଳା ବିକାଶ କାର୍ଯ୍ୟାଳୟର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ସହିତ ଦୁଇ ଶହ କ୍ଷମତା ବିଶିଷ୍ଟ ମିଟିଂ ଗୃହ ନିର୍ମାଣ ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଶୋଇ ଗ୍ରାମ ପଞ୍ଚାୟତରେ କଲ୍ୟାଣ ମଣ୍ଡପ ଓ ରୁରାଲ ପାର୍କ ନିର୍ମାଣ, ରାଜ୍ୟ ସରକାରଙ୍କ ଆଦର୍ଶ ଗ୍ରାମପଞ୍ଚାୟତ ଯୋଜନାରେ ବିଶୋଇ ଗ୍ରାମପଞ୍ଚାୟତକୁ ସାମିଲ କରି ନୂତନ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ସହିତ ବିଶୋଇ ସ୍ମଶାନ ଘାଟ ଓ ସନ୍ନିକଟ ପୋଖରୀ ଏବଂ ବିଶୋଇ ସାପ୍ତାହିକ ହାଟର ଉନ୍ନତିକରଣ ଏବଂ ନୂତନ ମାର୍କେଟ କମ୍ପ୍ଲେକସ ନିର୍ମାଣ କରିବାପତ୍ରରେ ଉଲ୍ଲେଖ ରହିଛି। ମନ୍ତ୍ରୀଙ୍କ ଗସ୍ତ ସମୟରେ ବିଜେପି ଦଳର ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତି, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଆନନ୍ଦ କୁମାର ରାମ, ସାଂସଦ ପ୍ରତିନିଧି ଉମାକାନ୍ତ ନନ୍ଦ, ଜିଲ୍ଲା ସାଧାରଣ ସମ୍ପାଦକ ସରୋଜ ମହାନ୍ତ, ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି କୁତଲୁ ହାଁସଦା, ବିଶୋଇ ମଣ୍ଡଳ ସଭାପତି ବନମାଳୀ ଗିରି, ମଣଦା ମଣ୍ଡଳ ସଭାପତି ପ୍ରଭାତ ରଞ୍ଜନ ଗିରି ସମେତ ସମସ୍ତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ସାରସକଣାରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ବାରିପଦା/ସାରସକଣା, ୧୨।୫(ସମିସ):



ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମଙ୍ଗଳବାର ମୟୂରଭଞ୍ଜ ଜିଲ୍ଲାର ସାରସକଣା ବ୍ଲକ ଅନ୍ତର୍ଗତ ଭୁରଶାଣୀ ଖେଳ ପଡ଼ିଆରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ

- ● ୩୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବୃହତ ପାନୀୟଜଳ ପ୍ରକଳ୍ପ
- ● ଉପକୃତ ହେବେ ୨୯ଟି ଗ୍ରାମର ୪୦୭୦ରୁ ଅଧିକ ପରିବାର
- ● ୨୨୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ରାସ୍ତା ଓ ୨୫ ଲକ୍ଷ ଟଙ୍କା ବ୍ୟୟରେ ନୂତନ ହୋ ଗୋଷ୍ଠୀ କେନ୍ଦ୍ର ଉଦଘାଟନ

ପ୍ରକଳ୍ପର ଶୁଭ ଉଦଘାଟନ କରିଛନ୍ତି। ଏହି ଅବସରରେ ସେ ୩୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ବୃହତ ପାନୀୟଜଳ ପ୍ରକଳ୍ପ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୨୨୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ପ୍ରକଳ୍ପ ଓ ୨୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ହୋ ଗୋଷ୍ଠୀ କେନ୍ଦ୍ରର ଉଦଘାଟନ କରିଛନ୍ତି। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ, ଗ୍ରାମର ବିକାଶ ହେଉଛି ରାଜ୍ୟର ବିକାଶର ମୂଳ ଆଧାର। ଯେତେବେଳେ ଗ୍ରାମର ପ୍ରତ୍ୟେକ ପରିବାର ନିରାପଦ ପାନୀୟଜଳ, ଉନ୍ନତ ସଡ଼କ ଓ ମୌଳିକ ସୁବିଧା ପାଇବେ, ସେତେବେଳେ ରାଜ୍ୟର ସାମଗ୍ରିକ ଉନ୍ନତି ସୁନିଶ୍ଚିତ ହେବ। ସେ କହିଥିଲେ, ରାଜ୍ୟ ସରକାର ଗ୍ରାମାଞ୍ଚଳର ଭିତ୍ତିଭୂମି ସୁଦୃଢ଼ କରିବା ସହ ଲୋକଙ୍କ ଜୀବନମାନ ଉନ୍ନତ କରିବାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି। ଉଦଘାଟିତ ବୃହତ ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ୨୯ଟି ଗ୍ରାମର ୪୦୭୦ରୁ ଅଧିକ ପରିବାର ଉପକୃତ ହେବେ ବୋଲି ସେ ସୂଚନା ଦେଇଥିଲେ।

ସେହିପରି ପୋଖରୀଡିହା ପଞ୍ଚାୟତର ଇଚିଣ୍ଡାଠାରୁ ଜାମକୁଣ୍ଡା ପର୍ଯ୍ୟନ୍ତ ନୂତନ ରାସ୍ତା ପ୍ରକଳ୍ପ ଓ ନୂତନ ହୋ ଗୋଷ୍ଠୀ କେନ୍ଦ୍ର ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସରକାରୀ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଲୋକସଭା ସାଂସଦ ନବଚରଣ ମାଝୀ, ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢେଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲ୍ଲାପାଳ ହେମକାନ୍ତ ସଏ, ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ଓ ବହୁ ସଂଖ୍ୟକ ସାଧାରଣ ଜନତା ଉପସ୍ଥିତ ଥିଲେ।

# ଜିଲ୍ଲାରେ ଝୋଟ ଚାଷ ସଚେତନତା ଶିବିର

ଶୁଳିଆପଦା,୧୨।୫ (ସମିସ): ଭାରତ ସରକାରଙ୍କର ବୟନ ମନ୍ତ୍ରଣାଳୟ ଅଧୀନରେ ଭାରତୀୟ ଝୋଟ ନିଗମ ଓ କୁଳିଅଣାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂକଳ୍ପର ମିଳିତ ସହଯୋଗରେ ଶୁଳିଆପଦା ବ୍ଲକର ପାକଟିଆ ପଞ୍ଚାୟତର ବାଳିକା ବିଦ୍ୟାଳୟ ପରିସରରେ ପାକଟିଆ, ବଡ଼ଭାଲିଆ ପଞ୍ଚାୟତର ଚାଷୀଙ୍କୁ ନେଇ ପ୍ରଥମ କରି ଝୁଟ ଚାଷ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସଂକଳ୍ପର ସମ୍ପାଦକ ପ୍ରଦୀପ ଦାସମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶୁଳିଆପଦା ବ୍ଲକର ଉପାଧ୍ୟକ୍ଷ ଜୋତିନାଳ ବାରିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସଂକଳ୍ପର ସଭାପତି ଅମୋଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ପାକଟିଆ ପଞ୍ଚାୟତ କୃଷି ଅଧିକାରୀ ସୁଦର୍ଶନ ରାହୁଳ, ଝୋଟ ନିଗମର ଜୁନିଅର ନିରୀକ୍ଷକ ଦିବେନ୍ଦୁ ବିଶ୍ୱାସ, ସନ୍ତୁ ଦେ, ପ୍ରଗତିଶୀଳ ଚାଷୀ ଜନ୍ମେଞ୍ଜୟ ମହାନ୍ତ, କୃଷ୍ଣଚନ୍ଦ୍ର ମହାନ୍ତ, ବାଳିକା ବିଦ୍ୟାଳୟ ଅଧ୍ୟକ୍ଷ ହରେନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଭାରତୀୟ ଝୋଟ ନିଗମ ପକ୍ଷରୁ ଜୁଟ ଆଇ କେୟାର ପ୍ରକଳ୍ପ ଅଧୀନରେ ସଂକଳ୍ପ ସହଯୋଗରେ ଚଳିତ ବର୍ଷ ଝୋଟ ଚାଷକୁ ଅଧିକ ଗୁରୁତ୍ୱ, ସବସିଡି ମାଧ୍ୟମରେ ବିହନ ଯୋଗାଣ, ଉନ୍ନତ ପ୍ରଣାଳୀରେ ବିହନ ବୁଣିବା, ଯନ୍ତ୍ରପାତି ମାଧ୍ୟମରେ ବିହନ ପରିମାଣ କମ ଖର୍ଚ୍ଚ ଓ ଅଧିକ ଆୟ, ସୋନା ପାଉଡର ବ୍ୟବହାର ଦ୍ୱାରା ପଚିବା ସମୟ କମ ଓ ଉନ୍ନତ ମାନର ଝୋଟ ବାହାରିବ। ଭାରତୀୟ ଝୋଟ ନିଗମ ମାଧ୍ୟମରେ ବିକ୍ରୟ ସୁନିଶ୍ଚିତ ଓ ମିନିମମ ସପୋର୍ଟ ପ୍ରାଇସ ତଥା ସମସ୍ତ ପ୍ରକାର ସୁବିଧା ଯୋଗାଇଦେବା ଇତ୍ୟାଦି ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଚାଷୀ ଝୋଟ ଚାଷ କରିବେ ବୋଲି ମତ ଦେଇଥିଲେ। ସଂକଳ୍ପର ସଂଯୋଜିକା ସୀତା ବିନ୍ଧାଣି ଧନ୍ୟବାଦ ଅର୍ପଣ କରିଥିଲେ। ଚାଷୀଙ୍କ ପକ୍ଷରୁ ଆସନ୍ତାକାଲି ଧାଡି ବୁଣା ଯନ୍ତ୍ର ମାଧ୍ୟମରେ ୨ଟି ଗ୍ରାମରେ ବିହନ ବୁଣା ପ୍ରଦର୍ଶନ କାର୍ଯ୍ୟ ସମ୍ପାଦକ ହେବାକୁ ନିଷ୍ପତ୍ତି ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଶଙ୍କର ମହାନ୍ତ, କୃଷ୍ଣଚନ୍ଦ୍ର ମହାନ୍ତ, ମଙ୍ଗଳ ଚପେୟାର, ପ୍ରତୀମା ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।



